ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.106 Bhubaneswar Wednesday May 31 2023 | ୨୬ତମ ବର୍ଷ ସଂଖ୍ୟା-୧୦୬ ଭୁବନେଶ୍ୱର, ବୁଧବାର, ମଇ ୩୦, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ପିଏମ୍ ଆବାସ ଘର: ୬ମାସ ପକାଇ ରଖିଥିଲେ, ୱାର୍କ ଅର୍ଡର ବାଂଟିବାକୁ ଦେଲେ ନିର୍ଦ୍ଦେଶ; ଜୁନରୁ ମିଳିବ

ଭୁବନେଶ୍ୱର,୩୦।୫(ପି.ଏନ): ଗତ ପ୍ରାୟ ୫ମାସ ଧରି ପକାଇ ରଖିବା ପରେ ଶେଷରେ 'ପ୍ରଧାନମନ୍ତ୍ରୀ ଆବାସ' ଯୋଜନାରେ ଚୟନ ହୋଇଥିବା ଗ୍ରାମାଂଚଳର ଯୋଗ୍ୟ ହିତାଧିକାରୀଙ୍କୁ ୱାର୍କ ଅର୍ଡର(କାର୍ଯ୍ୟାଦେଶ) ଦେବା ପାଇଁ ଆଜି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଯୋଗ୍ୟ ହିତାଧିକାରୀମାନେ ଅନଲାଇନରେ ନିଜର ୱାର୍କ ଅର୍ଡର ପାଇବେ ଓ ଘର ନିର୍ମାଣ ୪ରୁ ୬ମାସ ମଧ୍ୟରେ ଶେଷ କଲେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୧୦ରୁ ୨୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଯୋଗାଇ ଦେବେ । ତେବେ ହିତାଧିକାରୀଙ୍କୁ ଆବାସ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଜାରି କରିବା ପୂର୍ବରୁ ସେମାନଙ୍କ ଯୋଗ୍ୟତାକୁ ଆଉ ଥରେ ଯାଂଚ୍ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗତକାଲି 'ମୋ ଘର' ନାଁରେ ନୂଆ ଯୋଜନା ଆରମ୍ଭ କରିଥିବା ରାଜ୍ୟ ସରକାର ଗତ ଜାନୁୟାରୀ ମାସରେ ଚିହ୍ନଟ ହୋଇଥିବା 'ପ୍ରଧାନମନ୍ତ୍ରୀ ଆବାସ' ଘରର ୯ଲକ୍ଷ ୫୯ହଜାର ୫୧୮ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଜାରି କରିବା ନିମନ୍ତେ ଆଜି ନିର୍ଦ୍ଦେଶନାମା ଜାରି କରିଥିବା



ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମାଂଚଳ) ଯୋଜନାରେ ଗତ ୨୦୨୩ ଜାନୁୟାରୀ ମାସରେ ଚିହ୍ନଟ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଜାରି କରିବା ନିମନ୍ତେ ସମସ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଓ ବିଡିଓଙ୍କୁ ଆଜି ଚିଠି ଲେଖି ପଂଚାୟତିରାଜ ବିଭାଗ ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନୀ ନିର୍ଦ୍ଦେଶ ଦେଇଛନ୍ତି । ସତର୍କତାର ସହ ବିଚାରବିମର୍ଶ କରିବା ପରେ ରାଜ୍ୟ ସରକାର ଯୋଗ୍ୟ ପରିବାରକୁ ଏହି ଗୃହ ନିର୍ମାଣ କାର୍ଯ୍ୟାଦେଶ ଦେବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି । ତେବେ ଏହି କାର୍ଯ୍ୟାଦେଶ ଜାରି କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମାଂଚଳ) ଗାଇଡଲାଇନ ଅନୁସାରେ ସମ୍ପୃକ୍ତ ହିତାଧିକାରୀ ଯୋଗ୍ୟ ବିବେଚିତ ହେଉଛନ୍ତି କି ନାହିଁ ତାହା ଯାଂଚ୍ କରିବାକୁ କୁହାଯାଇଛି । ଯାହାଫଳରେ କୌଣସି ଅଯୋଗ୍ୟ ହିତାଧିକାରୀ ଏହି ଘର ପାଇବାରେ ସକ୍ଷମ ହେବେ ନାହିଁ। ଯୋଗ୍ୟ ହିତାଧିକାରୀଙ୍କୁ ଅନଲାଇନ୍ ମାଧ୍ୟମରେ ୱାର୍କ ଅର୍ଡର ଯୋଗାଇ ଦିଆଯିବ ।

## ମୋ ସେବା କେନ୍ଦ୍ର ସଂଖ୍ୟା ୮୦୦୦ କୁ ବୃଦ୍ଧି ପାଇବ : ମନ୍ତ୍ରୀ

ଭୁବନେଶ୍ୱର,୩୦।୫(ପି.ଏନ):ମୋ ସେବା କେନ୍ଦ୍ର ଜରିଆରେ ସରକାରୀ ସେବା ନାଗରିକଙ୍କ ଘର ପାଖରେ ଉପଲବ୍ଧ ହୋଇପାରିଛି । ଏଯାବତ୍ ରାଜ୍ୟରେ ୬,୯୦୦ ରୁ ଅଧିକ ମୋ ସେବା କେନ୍ଦ୍ର ସ୍ଥାପିତ ହୋଇସାରିଛି ଏବଂ ନିକଟ ଭବିଷ୍ୟତରେ ଏହି ସଂଖ୍ୟା ୮,୦୦୦ କୁ ଅଧିକ ବୃଦ୍ଧି ପାଇବ । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଆଗାମୀ ପଦକ୍ଷେପ ଓଡିଶାର ରୂପାନ୍ତରୀକରଣକୁ ଆହୁରି ଅନୁକୂଳ କରିବ। ସେହିପରି ସୁନ୍ଦରଗଡ ଏବଂ ଜୟପୁରରେ ଜିଲ୍ଲା ଡାଟା କେନ୍ଦ୍ର ସ୍ଥାପନ ପାଇଁ ଯୋଜନା କରାଯାଇଛି । ପୁରୀ ଠାରେ ଏକ କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ପ୍ରତିଷ୍ଠା ହେବାକୁ ଯାଉଛି । ସେମିକଣ୍ଡକ୍ଟର ଡିଜାଇନ୍ କରୁଥିବା ଷ୍ଟାର୍ଟ ଅପ୍ ଏବଂ ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ଓ-ଚିପ୍ କାର୍ଯ୍ୟକ୍ରମ ଜରିଆରେ ଭିତ୍ତିଭୂମି ଓ ପୁଞ୍ଜିନିବେଶ ପାଇଁ ସହାୟତା ଯୋଗାଇ ଦିଆଯିବ । ପ୍ରଯୁକ୍ତିର ସମ୍ଭାବିତ କ୍ଷେତ୍ରରେ ଉତ୍କର୍ଷ କେନ୍ଦ୍ର ମାନ ପ୍ରତିଷ୍ଠା କରାଯାଇ ୩୦୦୦ ବ୍ୟକ୍ତିବିଶେଷଙ୍କୁ ପ୍ରଶିକ୍ଷଣ ଦିଆଯିବ । ଖୁବ୍ ଶୀଘ୍ର ଫାବ୍ ଏବଂ ଫାବ୍ ରହିତ ନୀତି ପ୍ରଣୟନ କରାଯିବ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କୁ ୱାଇଫାଇ ସଂଯୋଗକୁ ବିସ୍ତାର ଫଳରେ ପ୍ରାୟ ସାତ ଲକ୍ଷ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାର ମାନକୁ ସକାରାତ୍ମକ ପ୍ରଭାବିତ କରିପାରିବ ବୋଲି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ତୁଷାରକାନ୍ତ ବେହେରା ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ମନ୍ତ୍ରୀ କହିଛନ୍ତି ଯେ ଏହି ବିଭାଗ ରାଜ୍ୟରେ ଆଇଟି କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ସୁଗମ କରି ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ବୈଷୟିକ ସହାୟତା ପ୍ରଦାନ ମାଧ୍ୟମରେ ପ୍ରଶାସନର କାର୍ଯ୍ୟପ୍ରଣାଳୀକୁ ଏକୀକୃତ ତଥା ବିକେନ୍ଦ୍ରୀକରଣ ଶାସନକୁ ସୁନିଶ୍ଚିତ କରି ସରକାରୀ ସେବା ଜନସାଧାରଣଙ୍କ ପାଖରେ ସହଜ ଉପଲବ୍ଧ କରାଇବାର ପ୍ରକ୍ରିୟାକୁ ବ୍ୟାପକ ରୂପାନ୍ତରଣ କରିପାରିଛି । ଇଂଟରନେଟ୍ ସେବା ଗାଁ ଗାଁରେ ପହଞ୍ଚାଇବା ପାଇଁ ରାଜ୍ୟରେ ଟେଲିକମ୍ ଭିତ୍ତିଭୂମିର ବିକାଶ ସାଧନ କରାଯାଇଛି। ୨୦୨୧ ମସିହାରେ ସରକାରଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଓଡିଶା ୱାନ୍ ପୋର୍ଟାଲରେ ୬୪୦ ରୁ ଅଧିକ ସେବା ଉପଲବ୍ଧ ହେଉଛି । ଓଡିଶା ରାଜ୍ୟ ୱାର୍କଫ୍ଲୋ ଅଟୋମେସନ୍ ସିଷ୍ଟମ୍ ର ପରିସର ସଚିବାଳୟର ସମସ୍ତ ବିଭାଗ, ସମସ୍ତ ନିର୍ଦ୍ଦେଶାଳୟ / ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଓଡିଶାର ପୋଲିସ ମୁଖ୍ୟାଳୟ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟଗୁଡ଼ିକର ପ୍ରାୟ ୧୫,୦୦୦ ବ୍ୟବହାରୀଙ୍କ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଅଛି ଓ ଏହା ତୁରନ୍ତ ନିଷ୍ପତ୍ତି ଗ୍ରହଣରେ ସହାୟକ ହୋଇଛି । ୨୦୧୩ ମସିହାରେ ଏହାର ବ୍ୟବହାରକାରୀ ୧୩୦୦ ଥିବାବେଳେ ୨୦୨୦ ମସିହାରେ ଆନୁମାନିକ ୭୦୦୦ କୁ ବୃଦ୍ଧି ପାଇଛି । ସମସ୍ତ ଗ୍ରାମପଞ୍ଚାୟତମାନଙ୍କୁ ଅପ୍ଟିକାଲ୍ ଫାଇବର୍ ସଂଯୋଗ ଯୋଗାଇ ଦିଆଯାଇଛି, ଯାହାଦ୍ୱାରା ଡିଜିଟାଲ୍ ବ୍ୟବହାରୀକରଣରେ ଜନସାଧାରଣଙ୍କ ଭାଗିଦାରୀକୁ ସୁନିଶ୍ଚିତ କରାଯାଇପାରିଛି ।

## କାଲି ଯୁକ୍ତ ୨ ରେଜଲ୍ଟ

ଭୁବନେଶ୍ୱର, ୩୦।୫(ପି.ଏନ): ଆସନ୍ତାକାଲି (ବୁଧବାର)ପ୍ରକାଶ ପାଇବ +୨ ପରୀକ୍ଷା ଫଳ। ପ୍ରଥମେ ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ ପ୍ରକାଶ ପାଇବ। ବୁଧବାର ପୂର୍ବାହ୍ନ ୧୧ଟାରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି । ପରବର୍ତ୍ତୀ ସମୟରେ କଳା ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇବ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚଏସସି) ପରୀକ୍ଷା ନିୟନ୍ତ୍ରକ ଏହି ସୂଚନା ଦେଇଛନ୍ତି ।ଓଡିଶାରେଜଲ୍ଟସ୍ ଡଟ୍ ଏନଆଇସି ଡଟ୍ ଇନ୍ ୱେବସାଇଟ୍ ରୁ ଛାତ୍ରଛାତ୍ରୀ ସେମାନଙ୍କ ରେଜଲ୍ଟ ଜାଣିପାରିବେ। ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୧ ତାରିଖରୁ ଯୁକ୍ତ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଏପ୍ରିଲ୍ ୫ ତାରିଖରେ ଶେଷ ହୋଇଥିଲା । ଏପ୍ରିଲ୍ ୧୦ ତାରିଖରେ ଖାତା ଦେଖା ଆରମ୍ଭ ହୋଇଥିଲା । ଚଳିତ ବର୍ଷ ମୋଟ୍ ୧୧୪୫ ପରୀକ୍ଷା କେନ୍ଦ୍ରରେ ସାଢ଼େ ୩ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏଥିରୁ କଳାରେ ୨ଲକ୍ଷ ୧୯ହଜାର ୧୧୦, ବିଜ୍ଞାନରେ ୯୧,୩୭୯, ବାଣିଜ୍ୟରେ ୨୩,୧୪୮ଜଣ ଓ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

## ବଢ଼ିବ ଯୁକ୍ତ ୨ ସିଟ୍

ଭୁବନେଶ୍ୱର, ୩୦।୫(ପି.ଏନ): ଚଳିତ ବର୍ଷ ବଢ଼ିବ ଯୁକ୍ତ ୨ ସିଟ୍। ମାଟ୍ରିକ୍ ପରୀକ୍ଷାରେ ଚଳିତ ଥର ରେକର୍ଡ ସଂଖ୍ୟକ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଏବର୍ଷ ୯୬%ରୁ ଅଧିକ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷାରେ ପାସ୍ ହୋଇଛନ୍ତି । ଯାହା ପୂର୍ବ ବର୍ଷ ଅପେକ୍ଷା ଅଧିକ। ୨୦୨୩-୨୪ ଅର୍ଥାତ୍ ଚଳିତ ବର୍ଷରୁ ଯୁକ୍ତ ୨ ସିଟ୍ ବଢ଼ାଇବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିଷ୍ପତି ନେଇଛି। ୧୦୬ ସରକାରୀ ଅପଗ୍ରେଡେଡ୍ ଉଚ୍ଚ ମାଧ୍ୟମିକ ସ୍କୁଲରେ ୧୩ ହଜାର ସିଟ୍ ରହିବ। ଆବଶ୍ୟକସ୍ଥଳେ ସିଟ୍ ବୃଦ୍ଧି କରାଯିବ।ସେହିପରି ସବୁ ୧୧୪ ୟୁଏଲବିରେ ଗୋଟିଏ ଲେଖାଏ ମଡେଲ୍ ସ୍କୁଲ୍ ଅଛି।

## ରଥଯାତ୍ରା ପାଇଁ ହେଲା ନୀତି ନିର୍ଘଣ୍ଟ, ଅପରାହ୍ନ ୪ଟାରେ ଆରମ୍ଭ ହେବ ରଥଟଣା

ପୁରୀ,୩୦।୫(ପି.ଏନ): ରଥଯାତ୍ରା ପାଇଁ ହେଲା ନୀତି ନିର୍ଘଣ୍ଟ । ସକାଳ ୬ଟାରେ ଶ୍ରୀଜିଉଙ୍କ ମଙ୍ଗଳ ଆଳତି ପରେ ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟ ପୂଜା ନୀତି କରାଯିବ । ଏହାପରେ ଦ୍ୱାରପାଳ ପୂଜା, ବେଶ ଶେଷ ହେବ । ପରେ ଗୋପାଳ ବଲ୍ଲଭ ଓ ସକାଳ ଧୂପରେ ଖେଚୁଡି ଭୋଗ ଲାଗି ହେବ। ସକାଳ ୯ଟାରେ ରଥ ପ୍ରତିଷ୍ଠା ପରେ ସାଢେ ୯ଟାରେ ପହଣ୍ଡି ଆରମ୍ଭ ହୋଇ ସାଢେ ୧୨ଟା ସୁଦ୍ଧା ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି ଶେଷ ହେବ । ଅପରାହ୍ନ ୨ଟା ୩୦ରୁ



ସାଢେ ୩ଟା ପର୍ଯ୍ୟନ୍ତ ଗଜପତି ମହାରାଜ ତିନି ରଥରେ ଛେରାପହଁରା କରିବେ । ଏହାପରେ ଚାରମାଳ ଫିଟା, ଘୋଡ଼ା ଓ ସାରଥି ଲାଗିବ। ପରେ ୪ଟାରୁ ରଥ ଟଣା ହେବ । ରଥ ଟଣା ପରେ ଅନ୍ୟାନ୍ୟ ନୀତି ରଥ ଉପରେ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ମୌସୁମୀ ବାୟୁ ଆସିବାକୁ ପାଗ ଅନୁକୂଳ

ଭୁବନେଶ୍ୱର, ୩୦।୫(ପି.ଏନ): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଭାରତ ଆଡକୁ ଅବସର ହେଉଛି। ଏଥିପାଇଁ ପାଗ ଅନୁକୂଳ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ୨ରୁ୩ ଦିନ ମଧ୍ୟରେ ମାଳଦୀପ, କୋମୋରିନ ଅଂଚଳ, ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ର ଆହୁରି କିଛି ଭାଗ , ଦକ୍ଷିଣ-ପୂର୍ବବଙ୍ଗୋପସାଗର ର ଅବଶିଷ୍ଟ ଅଂଶ , କେନ୍ଦ୍ରୀୟ ବଙ୍ଗୋପସାଗରର ଆହୁରି କିଛି ଅଂଶ ତଥା ଉତ୍ତର-ପୂର୍ବ ବଙ୍ଗୋପସାଗର ର କିଛି ଅଂଚଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି।

## ବ୍ୟାଙ୍କ ଋଣ ନୁହେଁ ଲୋକଙ୍କୁ ମାଗଣା ଘର ଦିଅ: ବିଜେପି

ଭୁବନେଶ୍ୱର, ୩୦।୫(ପି.ଏନ) :ରାଜ୍ୟ ସରକାରଙ୍କ 'ମୋ ଘର' ଯୋଜନାକୁ ତ୍ରୁଟିପୂର୍ଣ୍ଣ ବୋଲି କହିବା ସହ ବ୍ୟାଙ୍କ ଋଣ ନୁହେଁ ମାଗଣା ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କୁ ଘର ଦେବାକୁ ବିଜେପି ଦାବି କରିଛି । ମୋ ଘର ଯୋଜନାରେ ରାଜ୍ୟ ସରକାର ଦୁର୍ନୀତିର ମୂଳ ମଞ୍ଜି ପୋତିଛନ୍ତି ବୋଲି ବିଜେପି ଅଭିଯୋଗ କରିବା ସହ ବ୍ୟାଙ୍କ ଋଣ ଶୁଝି ନପାରିଲେ ବନ୍ଧା ପଡିଥିବା ବାପା-ଅଜା ଅମଳର ଘର ଡିହ ବି ହାତରୁ ଚାଲିଯିବ ବୋଲି ବିଜେପି ଆଶଙ୍କା ବ୍ୟକ୍ତ କରିଛି । ଆଜି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି ଯେ,



କେନ୍ଦ୍ର ସରକାରଙ୍କ ଆବାସ ଯୋଜନାରେ ପକ୍କା ଘର ଲୋକଙ୍କ ପାଖରେ ପହଂଚାଇବା ପାଇଁ ରାଜ୍ୟ ସରକାର ବାଧକ ସାଜିଛନ୍ତି । ଅଯୋଗ୍ୟ ରାଜ୍ୟ ସରକାର 'ମୋ ଘର' ମାଧ୍ୟମରେ ଓଡିଶାବାସୀଙ୍କୁ 'ଆକାଶ କଇଁଆ, ଚିଲିକା ମାଛ'ର ମିଛ ସ୍ୱପ୍ନ ଦେଖାଉଛନ୍ତି । ରାଜ୍ୟର ବାସହୀନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମୋଦି ସରକାର ପର୍ଯ୍ୟାପ୍ତ ପରିମାଣର ପକ୍କାଘର ଯୋଗାଇ ଦେଇଛନ୍ତି ।

## ଶହେ ଫୁଟିଆ ରାସ୍ତା ପାଇଁ ଫିଟିଲା ବାଟ, ମାଟିରେ ମିଶିଲା ଗାଡ଼କଣ ସାଇନାଥ ବସ୍ତିର ୧୫୦ ପରିବାରର ଘର





ଭୁବନେଶ୍ୱର,୩୦।୫(ପି.ଏନ): ମାଟିରେ ମିଶିଲା ଗାଡ଼କଣ ସାଇନାଥ ବସ୍ତିର ୧୫୦ ବଖରା ଘର । କ୍ଷତିଗ୍ରସ୍ତ ପରିବାରଙ୍କୁ ଟ୍ରାଞ୍ଜିଟ ହାଉସରେ ଥଇଥାନ ବ୍ୟବସ୍ଥା । ଡାହାଣ ପାର୍ଶ୍ୱ ୧୦୦ ଫୁଟିଆ ରାସ୍ତା ନିର୍ମାଣ ପାଇଁ ଫିଟିଲା ବାଟ । ଦୂର ହେବ ଜୟଦେବ ବିହାର ଓ ନନ୍ଦନକାନନ ରାସ୍ତାର ଟ୍ରାଫିକ ସମସ୍ୟା । ହାଇକୋର୍ଟଙ୍କ ରାୟ ପରେ ଆକ୍ସନ ମୋଡରେ ବିଡିଏ । ଗାଡ଼କଣ ସ୍ଥିତ ସାଇନାଥ ବସ୍ତିରେ ବୁଲିଲା ବୁଲ ଡୋଜର । ଦୁଇ ଦିନରେ ମାଟିରେ ମିଶିଲା ବସ୍ତିର ୫୦ଟି ପରିବାରର ୧୩୬ ବଖରା ଘର । କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରରେ କ୍ଷତିଗ୍ରସ୍ତ ସମସ୍ତ ପରିବାରଙ୍କୁ ନୀଳାଦ୍ରିବିହାର ସ୍ଥିତ ଟ୍ରାଞ୍ଜିଟ ହାଉସରେ କରାଯାଉଛି ଥଇଥାନ । ଉଚ୍ଛେଦକୁ ବସ୍ତିବାସିନ୍ଦାଙ୍କ ପକ୍ଷରୁ ବିରୋଧ କରାଯାଇଥିଲେ ସୁଦ୍ଧା ପୋଲିସ ମୁତୟନ କରି ସମ୍ପନ୍ନ ହୋଇଛି ଉଚ୍ଛେଦ । ସେପଟେ ଜୟଦେବବିହାରଠାରୁ ନନ୍ଦନକାନନ ରାସ୍ତାର ଟ୍ରାଫିକ ସମସ୍ୟାର ସମାଧାନ ନିମନ୍ତେ ପ୍ରସ୍ତାବିତ ଡାହାଣ ପାର୍ଶ୍ୱ ୧୦୦ ଫୁଟିଆ ସମାନ୍ତରାଳ ରାସ୍ତା ପାଇଁ ଫିଟିଛି ବାଟ । ଦୀର୍ଘ ୨ ବର୍ଷ ପରେ ତ୍ୱରାନ୍ୱିତ ହୋଇଛି ଡମଣା ଛକ ଠାରୁ ଗୁରୁ କେଳୁଚରଣ ପାର୍କ ଓ ଗାଡ଼କଣ ଦେଇ ସୈନିକ ସ୍କୁଲ ପର୍ଯ୍ୟନ୍ତ ଅଧାରେ ଅଟକିଥିବା ୬ ଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ।୧୫ ବର୍ଷରୁ ଅଧିକ କାଳ ହେବ ପାଖାପାଖି ୨ ଶହରୁ ଅଧିକ ପରିବାର ସରକାରୀ ଜମିକୁ ଜବରଦଖଲ କରି ଗାଡ଼କଣ ସ୍ଥିତ ସାଇନାଥ ବସ୍ତିରେ ବସବାସ କରୁଥିଲେ । ତେବେ ୧୦୦ ଫୁଟିଆ ରାସ୍ତା ନିର୍ମାଣରେ ବସ୍ତିର ୫୦ଟି ପରିବାରର ୧୩୬ ବଖରା ବାଧକ ସାଜିଥିଲା । ବହୁ ବାଦବିବାଦ ପରେ ଉଚ୍ଛେଦ ହୋଇଛି । କ୍ଷତିଗ୍ରସ୍ତଙ୍କୁ ଯଦିଓ ଟ୍ରାଞ୍ଜିଟ କ୍ୟାମ୍ପରେ ସବୁ ସୁବିଧା ସହ ଥଇଥାନ କରାଯାଇଛି, ତଥାପି କ୍ୟାମ୍ପରେ ରହିବା ମୁସ୍କିଲ ଥିବା ଦର୍ଶାଇ ଅଧିକାଂଶ ପରିବାର ଅନ୍ୟତ୍ର ଚାଲି ଯାଇଛନ୍ତି । ଜୟଦେବବିହାର ଠାରୁ ନନ୍ଦନକାନନ ରାସ୍ତାରେ ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଅର୍ଥାତ ବାମ ପାର୍ଶ୍ୱରେ ୨ ଶହ ଓ ଡାହାଣ ପାର୍ଶ୍ୱରେ ଶହେ ଫୁଟିଆ ୬ ଥାକିଆ ପ୍ରଶସ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି।

## ଥାନା ହାଜତରୁ ଫେରାର୍ ମୁଦାଲାକୁ ଧରିଲା ପୁଲିସ

ରାଉରକେଲା, ୩୦।୫(ପି.ଏନ): ରାଉରକେଲା ପୁଲିସ ଜିଲ୍ଲାର ସେକ୍ଟର ୧୫ ଥାନାରେ ଚାଲିଥିବା ଢିଲା ବ୍ୟବସ୍ଥା ଲାଗି ଚୋରୀ ମାମଲାରେ ଗିରଫ ହୋଇଥିବା ଜଣେ ମୁଦାଲା ଥାନାରୁ ଫେରାର ହେବା ଓ ପରେ ଥାନା ବାଲା ନାକଦେମ ହୋଇ ତାକୁ ଧରିବା ମାମଲା ପୁଲିସ ଜିଲ୍ଲାର ଜାଣିବା ଶୁଣିବା ମହଲରେ ଚର୍ଚ୍ଚାର ବିଷୟ ହୋଇଛି ।ଖବରରୁ ଜଣାପଡିଛି, ଏକ ଚୋରୀ ମାମଲାରେ ସେକ୍ଟର-୧୫ ଥାନା ପୁଲିସ ୪ ଜଣଙ୍କୁ ଧରିଥିଲା। ତନ୍ମଧ୍ୟରୁ ୨ ଜଣଙ୍କୁ ପଚରା ଉଚରା ପରେ ଛାଡିଥିବା ବେଳେ ଅନ୍ୟ ୨ଜଣଙ୍କୁ ରଖିଥିଲା । ତେବେ ଏମାନଙ୍କ ଭିତରୁ ୨୮ ତାରିଖ ସନ୍ଧ୍ୟାରେ ଥାନାରେ କେହି ନଥିବା ବେଳେ ଜଣେ ମାତ୍ର କନେଷ୍ଟବଳ ଥାନାରେ ଥିବାର ସୁଯୋଗ ନେଇ ହାଜତରେ ଥିବା ସେକ୍ଟର -୧ ଅଂଚଳର ରିସି ନାମକ ଯୁବକ ପାଇଖାନା ଯିବାକୁ କହି ଭିତରପଟୁ କବାଟ ଦେଇ ଆଉ ଖୋଲିନଥିଲା । କନେଷ୍ଟବଳ ଜଣକ ବିଳମ୍ବ ହେବାରୁ ଡାକି ଦେଖିବାରୁ ଅଭିଯୁକ୍ତ ରିସି ଝରକା ଭାଙ୍ଗି ଫେରାର ହୋଇଯାଇଥିବା ଜାଣିବାକୁ ପାଇଥିଲେ । ପରେ ଥାନାର ଅନ୍ୟ ଅଧିକାରୀ ମାନେ ଏକଥା ଜାଣିବା ସହ କଥା ଉପର ମହଲକୁ ଯିବା ପରେ ସେଦିନ ସନ୍ଧ୍ୟାରୁ ରାତି ୧ଟା ଯାଏ ଖୋଜାଖୋଜି କରି ତାକୁ ସେକ୍ଟର-୨୧ ଅଂଚଳରୁ ଧରିଥିଲେ ।ପରେ ତାକୁ ସେହି ଚୋରୀ ମାମଲାରେ କୋର୍ଟଚାଲାଣ କରିଥିବା ଜଣାପଡିଛି ।

## ବଣ୍ଡା ଘାଟିର ବଣମଲ୍ଲୀ ! ମୂଲ ଲାଗୁଛନ୍ତି ଟପ୍ପର ଛାତ୍ରୀ

ଭୁବନେଶ୍ୱର,୩୦।୫(ପି.ଏନ): ବଣ୍ଡା ଘାଟିରେ ଫୁଟିଛି ବଣମଲ୍ଲୀ ! ହେଲେ ରାଜଧାନୀରେ ସେ ଫୁଲ ମହକିବା ପୂର୍ବରୁ ମଉଳି ଯିବନି ତ ? କାରଣ ଆଦିବାସୀ ଇଲାକାର ସେହି ବଣମଲ୍ଲୀ ଏବେ ମୂଲ ମଜୁରୀ ଲାଗୁଛନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପଢୁଥିଲେ ମଧ୍ୟ ନିଜର ଷ୍ଟଡି ମେଟେରିଆଲ୍ ? କିଣିବା ପାଇଁ ସିମେଣ୍ଟ ଓ ବାଲି ଗୋଳାଉଛନ୍ତି। ଦିନକୁ ମିଳୁଥିବା ମଜୁରୀ ବାବଦକୁ ୨୧୦ ଟଙ୍କାକୁ ସଞ୍ଚୟ କରି ରଖୁଛନ୍ତି। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରୁ ଆସିଛି ଦାରିଦ୍ର୍ୟର ଏପରି ବିକଳ ଚିତ୍ର ।ମୁଦୁଲିପଡା ପଞ୍ଚାୟତର ପଡେଇ ଗୁଡା ଗାଁର ଗୁଡା ମୁଦୁଲି ବଡ ମଝିଆଁ ଝିଅ କର୍ମା ମୁଦୁଲ। ଅଭାବ ଅନଟନ ଭିତରେ ମାଟ୍ରିକ୍ ପାସ୍ କରିଥିଲେ। ତା'ପରେ ଗୋବିନ୍ଦପାଲି ସରକାରୀ ମହାବିଦ୍ୟାଳୟରେ ବାଣିଜ୍ୟରେ ଯୁକ୍ତ ଦୁଇରେ ନାମ ଲେଖାଇଥିଲେ। ୨୦୨୨ ମସିହାରେ ସେ ମାଲକାନଗିରି ଜିଲ୍ଲା ଟପ୍ପର ହୋଇଥିଲେ। ୮୨.୬୬ ପ୍ରତିଶତ ମାର୍କ ରଖି ଜିଲ୍ଲା ପାଇଁ ଗୌରବ ଆଣିଥିଲେ କର୍ମା। ସେଥିପାଇଁ ତାଙ୍କ ପାଖକୁ ଛୁଟିଥିଲା ଶୁଭେଚ୍ଛାର ସୁଅ।

## ମେଡାଲ ବିସର୍ଜନ ପାଇଁ ଗଙ୍ଗା ଘାଟରେ ବସି କାନ୍ଦିଲେ ରେସଲର, ବ୍ରିଜ ଭୂଷଣଙ୍କୁ ଗିରଫ ପାଇଁ ୫ ଦିନର ସମୟ ଦେଲେ

ଭୁବନେଶ୍ୱର,୩୦।୫(ପି.ଏନ): ପୂରା ଦେଶ ଆଜି ଦେଖୁଛି ଅତ୍ୟନ୍ତ ବିଚିତ୍ର ଦୃଶ୍ୟ। ଦେଶ ପାଇଁ ଅଲିମ୍ପିକ୍ସ ଓ ବିଶ୍ୱ ରେସଲିଂ ଭଳି ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତିଥିବା ମହିଳା ରେସଲରମାନେ କେମିତି ଅସହାୟ ହୋଇପଡିଛନ୍ତି, ତା' ଚିତ୍ର ସାମ୍ନାକୁ ଆସିଛି। ଆଜି ଦେଶର ଷ୍ଟାର ରେସଲରମାନେ ହରିଦ୍ୱାରର ଗଙ୍ଗା ଘାଟରେ ବସି କାନ୍ଦିଛନ୍ତି ।ସେମାନେ ଦେଶ ପାଇଁ ପଦକ ଜିତିଥିବା ବେଳେ ଏବେ ନ୍ୟାୟ ପାଇଁ ସେଗୁଡିକୁ ଗଙ୍ଗା ନଦୀରେ ଭସାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଆଜି ଅନେକ ଷ୍ଟାର ରେସଲର ଗଙ୍ଗା ଘାଟରେ ପହଞ୍ଚି



ମେଡାଲ ଭସାଇ ଦେବାକୁ ଚେଷ୍ଟା କରିଥିଲେ ହେଁ ବିଭିନ୍ନ ସଂଗଠନ, ଚାଷୀ ନେତା ଓ ବ୍ୟକ୍ତିବିଶେଷ ସେମାନଙ୍କୁ ଅଟକାଇଛନ୍ତି ।ଚାଷୀ ନେତା ନରେଶ ଟିକାୟତ ଓ ଅନ୍ୟମାନଙ୍କ ଅନୁରୋଧକ୍ରମେ ରେସଲରମାନେ ବର୍ତ୍ତମାନ ସମୟରେ ମେଡାଲ ଭସାଇବା ଯୋଜନାକୁ ସାମୟିକ ଭାବେ ବନ୍ଦ କରିଛନ୍ତି। ତେବେ ସେମାନେ କେନ୍ଦ୍ର ସରକାରଙ୍କୁ ୫ ଦିନର ସମୟ ଦେଇଛନ୍ତି।

## ନାହିଁ ନାହିଁରେ ଚାଲିଛି ଅସୁରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ସାଲେପୁର, ୩୦।୫(ପି.ଏନ):- ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଅସୁରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯାହାକି ବ୍ରିଟିଶ ଅମଳର ଡାକ୍ତରଖାନା । ଏହି ଡାକ୍ତରଖାନାଟିକୁ ଓଡିଆ ଭାଷା ସାହିତ୍ୟ ଆନ୍ଦୋଳନର କର୍ଣ୍ଣଧାର ତଥା ପ୍ରଥମ ଓଡିଆ ଖବରକାଗଜ ଉତ୍କଳ ଦୀପିକାର ପ୍ରତିଷ୍ଠାତା କର୍ମବୀର ଗୌରୀଶଙ୍କର ରାୟ ପ୍ରତିଷ୍ଠା କରିଥିଲେ । ଗ୍ରାମାଚଂଳରେ ବସବାସ କରୁଥିବା ଜନସାଧାରଣ ସ୍ୱାସ୍ଥ୍ୟ ସମସ୍ୟାରୁ ଉପଶମ ହେବେ ବୋଲି ମହତ୍ ଚିନ୍ତାଧାରାରେ ଗଢି ଉଠିଥିଲା ଏହି ଡାକ୍ତରଖାନାଟି । ଏହି ଡାକ୍ତରଖାନାଟି ଗଢା ହେବାର ଶହେ ବର୍ଷରୁ ଅଧିକ ବର୍ଷ ହୋଇଗଲା । ଏହା କଟକ ଜିଲ୍ଲାର ସର୍ବ ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ର ଅଟେ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଟକ ଜିଲ୍ଲା ସମେତ କେନ୍ଦ୍ରାପଡା ଜିଲ୍ଲାର ପଚାଶ ହଜାରୁ ଅଧିକ ଜନସାଧାରଣ ନିର୍ଭର କରିଥାନ୍ତି । ସବୁଠାରୁ ଦୁଃଖ ଘଟଣା ଏବେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନାହିଁ ନାହିଁରେ ଚାଲିଛି । ଅସୁରେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ବର୍ଷ ହେବ ମେଡିସିନ ଡାକ୍ତର ନାହାଁନ୍ତି । ଜଣେ ଆୟୁଷ ଡାକ୍ତର କେବଳ ସାହା ଭରସା । ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ବହି ବିଭାଗ ଗୃହ ଦୀର୍ଘ ଦୁଇ ବର୍ଷ ହେବ ଅଧାପନ୍ତରିଆ ହୋଇ ପଡିରହିଛି । ଯାହାଫଳରେ ଅନ୍ୟ ଗୋଟିଏ ଗୃହରେ ଡାକ୍ତରଖାନା ଚାଲିଛି । ଯେଉଁଠି ଡାକ୍ତର ଦେଖୁଛନ୍ତି ସେଠାରେ ଔଷଧ ମଧ୍ୟ ଦିଆଯାଉଛି । ନା ଅଛି ରୋଗୀ ଶୋଇବା ପାଇଁ ଶଯ୍ୟା, ନା ଅଛି ଦୁର୍ଘଟଣାଜନିତ ଚିକିତ୍ସା ପାଇଁ ଆନୁସଙ୍ଗିକ ଉପକରଣ । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ କର୍ମଚାରୀଙ୍କ ଅଭାବ ରହିଛି । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାଚେରୀ ନଥିବାରୁ ଦିନରେ ଅବାଧରେ ଗାଇ, ଗୋରୁ, ଛେଳି ମେଣ୍ଢାଙ୍କ ରାଜ୍ ଚାଲିଛି । ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଏହାଛଡା ଅସୁରେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରାଣୀ ଚିକିତ୍ସାକେନ୍ଦ୍ର ଏକ ଗୃହରେ ମଧ୍ୟ ଚାଲୁଛି । ଯେଉଁଠାରେ ମଣିଷଙ୍କ ସହିତ ଗାଇଗୋରୁମାନେ ମଧ୍ୟ ଏକସଙ୍ଗରେ ଚିକିତ୍ସିତ ହେଉଛନ୍ତି । ପ୍ରାଣୀ ଚିକିତ୍ସାଳୟ ଗୃହ ଅସୁରେଶ୍ୱର ସେବା ସମବାୟ ସମିତି ନିକଟରେ ନିର୍ମିତ ହୋଇ ପଡିଥିଲେ ମଧ୍ୟ କ'ଣ ପାଇଁ ଏହିଠାରେ ପ୍ରାଣୀ ଚିକିତ୍ସାଳୟ ଚାଲିଛି ତାହା ବୁଝାପଡୁନାହିଁ । ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସର୍ବାଙ୍ଗୀନ ଉନ୍ନତି ସହିତ କର୍ମଚାରୀ, ଡାକ୍ତର ଓ ଅନୁସଙ୍ଗୀକ ଜିନିଷପତ୍ର ଯୋଗାଇ ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।










# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗା କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।



ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥନ୍ତି ହ୍ରିତିକ।

**ହ୍ରିତିକ ବଲିଉଡର ସବୁଠୁ ସେକ୍ସି ପୁରୁଷ**

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## 'କଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।






## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।

ପର୍ଯ୍ୟବେକ୍ଷକ ମହାନଗର

# ବିକଶିତ କେନ୍ଦ୍ରାପଡ଼ା ଗଠନର ବେଳ !

**ଶରତ କୁମାର ରାଉତ**

ସମୁଦ୍ର, ନଦୀ, ନାଳ, ବନାନୀଘେରା ଚିର ଅବହେଳିତ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ବିବିଧ ସମସ୍ୟାର



ଗର୍ଭ ମଧ୍ୟରେ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି, ପାନୀୟଜଳ, ସଂଚାର, ଦାରିଦ୍ର୍ୟ, ବେକାରୀ ଆଦି ମୌଳିକ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ୧୯୯୯ର ପ୍ରଳୟଙ୍କରୀ ବାତ୍ୟା ଜିଲ୍ଲାର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଏପରିକି

ଜଗତସିଂହପୁର ଜିଲ୍ଲାର ପଛକୁ ରହିଥିଲା। ଶିଳ୍ପବିହୀନ ଏହି ଜିଲ୍ଲା ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ସ୍ୱାଧୀନତା ପରଠାରୁ ସଂଘର୍ଷ କରିଆସୁଥିଲେ ହେଁ ସମୟ ଓ ପରିସ୍ଥିତି ଜିଲ୍ଲାବାସୀଙ୍କୁ ଭୋକଉପାସରେ ରହି ଜିଇଁବାକୁ ବାଧ୍ୟ କରିଚାଲିଛି। ଏଠାରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବହୁ ଅଧିକ ଥିଲାବେଳେ ନିଯୁକ୍ତି ହାର ସବୁଠୁ କମ୍ ରହିଛି। ଦାରିଦ୍ର୍ୟ ଦୂରୀକରଣ ଯୋଜନା, ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍‌ସେବା, ସଂଚାର ସେବା, ଯୋଗାଯୋଗ ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି। ଏଠାରେ ଥିବା ବିଶ୍ୱବିଖ୍ୟାତ କଇଁଛ ଓ କୁମ୍ଭୀର ପ୍ରଜନନ କେନ୍ଦ୍ର ତଥା ଭିତରକନିକା ପ୍ରାଣୀ ଅଭୟାରଣ୍ୟ ଓ ସାମୁଦ୍ରିକ ଅଭୟାରଣ୍ୟର ଆବଶ୍ୟକୀୟ ଉନ୍ନତି ହୋଇପାରୁନାହିଁ। ପ୍ରାକୃତିକ ଦୃଶ୍ୟରାଜିରେ ଭରା ଅଭୟାରଣ୍ୟ, କମନୀୟ ସମୁଦ୍ର ବେଳାଭୂମି ଓ ସମୁଦ୍ର ତଟରେ ଯେଉଁଳି ପ୍ରଚୁର ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଛି, ତା'ର ଉପଯୁକ୍ତ ଉପଯୋଗ

ବ୍ଲକ୍ ସଦର ମହକୁମା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି। ବହୁ ରାସ୍ତା

କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ଏହି ଯୋଜନା କାର୍ଯ୍ୟକାରୀ ହେଲେ ରାଜନଗର, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକ୍‌ର କେତେକ ଅଂଚଳକୁ ମିଠାଜଳ ଯୋଗାଇ ବର୍ଷତମାମ





କିଛିବର୍ଷ ତଳୁ ମରାମତି ହୋଇନାହିଁ। ୧୦ରୁ ଊର୍ଦ୍ଧ୍ୱ ନିର୍ମାଣାଧୀନ ନଦୀସେତୁ ଦୀର୍ଘବର୍ଷ ତଳୁ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଯେଉଁଥିପାଇଁ ହଜାର ହଜାର ଲୋକେ ନିଜ ବ୍ଲକ୍ ସଦର ମହକୁମାରେ ପହଂଚିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସମୁଦ୍ର ତଟବର୍ତ୍ତୀ ଗାଁଗୁଡ଼ିକର ଅବସ୍ଥା ଭାରି ସାଂଘାତିକ। ଇତିମଧ୍ୟରେ ଅନେକ ଗାଁ ସମୁଦ୍ର ଓ ନଦୀର ମହାପ୍ଳାବନରେ ମିଳେଇଯାଇଛି। ସାତଭାୟା ଅଂଚଳର ଅଧିକାଂଶ ଗ୍ରାମ ସମୁଦ୍ରର ମହାପ୍ଳାବନରେ ଲୀନ ହୋଇଯାଇଥିବା ବେଳେ ବାକି ଥିବା ଗାଁଗୁଡ଼ିକ କେଉଁ ମୁହୂର୍ତ୍ତରେ ସମୁଦ୍ର ଗର୍ଭରେ ଲୀନ ହୋଇଯିବ, ତାହା ଭଗବାନଙ୍କୁ ଜଣା। ଲୁଣା ଘେରିବନ୍ଧ ଖୁବ୍ ଦୁର୍ବଳ ଥିବାରୁ ସମୁଦ୍ରରୁ ଲୁଣାପାଣି ଆସି ଭେଡ଼ା ଭିତରେ ପଶୁଛି

ଚାଷ କାର୍ଯ୍ୟକୁ ସହଜ କରାଯାଇପାରନ୍ତା।

ସେହିପରି ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଅବହେଳିତ ବିଶ୍ୱବିଖ୍ୟାତ ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ହେନ୍ତାଳ ଜଙ୍ଗଲ, ଡାଙ୍ଗମାଳ କୁମ୍ଭୀର ପ୍ରଜନନ କେନ୍ଦ୍ର, ବତୀଘର, ବ୍ରିଟିସ୍ ବାଣିଜ୍ୟର କୋଠାଘର ହୁକିଟେଲା ଓ ବରୁଣେଇ ଜଙ୍ଗଲ ଆଦିର ବିକାଶ ସ୍ୱପ୍ନ ହୋଇ ରହିଛି। ଏସବୁକୁ ଏଯାଏ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିପାରିନାହିଁ। କ୍ରମେ ଏହି ଜିଲ୍ଲା ଅବହେଳାର ଚରମସୀମାକୁ ଟପିଗଲାଣି। ଏଠାରେ ବହୁ ସୁଯୋଗ ରହିଥିଲେ ହେଁ ତାହାର ଉପଯୁକ୍ତ ଉପଯୋଗ ହୋଇପାରୁନାହିଁ। ପ୍ରଚୁର ମନୋରମ ପ୍ରାକୃତିକ ସଂପଦ, ମତ୍ସ୍ୟ ସଂପଦ, ବନ୍ୟପ୍ରାଣୀ ସଂପଦ, ପର୍ଯ୍ୟଟନ ସଂପଦ ଓ ବନ୍ଦର ସୁଯୋଗ



କେବିକେ ବ୍ୟତୀତ ଅନ୍ୟ ୨୨ଟି ଜିଲ୍ଲା ମଧ୍ୟରେ ଏହି ଜିଲ୍ଲା ଲୋକଙ୍କର ମୌଳିକ ସମସ୍ୟା ସବୁଠୁ ଆଗରେ ରହିଛି। ବଙ୍ଗୋପସାଗର କୂଳବର୍ତ୍ତୀ ଏହି ଜିଲ୍ଲାର



ଭୌଗୋଳିକ ଆୟତନ ୨୬୪୪ ବର୍ଗ କିଲୋମିଟର ଓ ଏହାର ଉପକୂଳବର୍ତ୍ତୀ ସୀମା ୪୮୦ କିଲୋମିଟର। ଏହି ଜିଲ୍ଲାର ଲୋକସଂଖ୍ୟା ୧୪ ଲକ୍ଷରୁ ଅଧିକ। ଏହାର ଜଙ୍ଗଲ ପରିମାଣ ୧୯୯୩୯ ବର୍ଗ କିଲୋମିଟର ହୋଇଥିବା ବେଳେ ଚାଷ

ହେଲେ ଜିଲ୍ଲାର ଆର୍ଥିକ ପ୍ରଗତି ସମ୍ଭବ ହୋଇପାରନ୍ତା। ଜିଲ୍ଲାରେ ସରକାରୀ ଉନ୍ନୟନ ଯୋଜନା କାର୍ଯ୍ୟକାରିତା ଉପରେ ବ୍ୟାପକ ସମୀକ୍ଷା ହେଉ ନ ଥିବାରୁ ପ୍ରକୃତ ହିତାଧିକାରୀମାନେ ଉପକୃତ ହୋଇପାରୁନାହାଁନ୍ତି। ଯେଉଁଥିପାଇଁ ଜିଲ୍ଲାର ପ୍ରାୟ ୨ ଲକ୍ଷ ବେକାର ଶିକ୍ଷିତ ଯୁବକ/ଯୁବତୀ/ବ୍ୟକ୍ତି ଦେଶବିଦେଶର ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ୧୯୬୭ ଓ ୧୯୭୨ ସାମୁଦ୍ରିକ ମହାପ୍ଳାବନରେ ରାଜନଗର, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇର ଅନେକ ଧନ-ଜୀବନ ନଷ୍ଟ ହୋଇଥିବା ବେଳେ ୧୯୮୨ ସାମୁଦ୍ରିକ ଜୁଆରରେ ଉପକୂଳବାସୀଙ୍କର ପ୍ରଭୂତ କ୍ଷୟକ୍ଷତି ହୋଇଥିଲା। ଉପକୂଳବାସୀଙ୍କର ସୁରକ୍ଷା ପାଇଁ ବିଜୁ ପଟ୍ଟନାୟକ ୧୯୭୨ ଏପ୍ରିଲ୍ ୪ରେ ଧାମରାଠାରୁ ପାରାଦୀପ ପର୍ଯ୍ୟନ୍ତ ବରୁଣେଇ ଦେଇ ବିଶାଳ ପଥର ପନ୍ଥ ନିର୍ମାଣ କରାଇବାକୁ ଘୋଷଣା କରିଥିଲେ। ମାତ୍ର ଏଯାଏ ତାହା ସମ୍ଭବ ହୋଇପାରିନାହିଁ। ପ୍ରତି ମୁହୂର୍ତ୍ତରେ ଧ୍ୱଂସ ପାଇ ଚାଲିଛି ଉପକୂଳ ଝାଉଁଜଙ୍ଗଲ। ୧୯୮୦ରେ ବରୁଣେଇ ନିକଟସ୍ଥ ଜଗରିଜୋରଠାରେ ସରକାର ଓ ବିଶ୍ୱବ୍ୟାଙ୍କର ମିଳିତ ସହାୟତାରେ ବିଶାଳ ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ନଡ଼ିଆ ଚାଷ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ମାତ୍ର ଅତିଶୀଘ୍ର ଏହି ପ୍ରକଳ୍ପ ବିଫଳ ହୋଇଥିଲା। ପୁନଶ୍ଚ ୧୯୯୪ରେ ସେହି ସ୍ଥାନରେ ବିଶ୍ୱବ୍ୟାଙ୍କ୍ ସହାୟତାରେ ବାକି ଥିବା ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ଚିଙ୍ଗୁଡ଼ି ପ୍ରକଳ୍ପ





ଓ ଅକାଳରେ ଫସଲ ହାନି ହେଉଛି। ସେହିପରି ବନ୍ୟା ଘେରିବନ୍ଧ ଅତି ଦୁର୍ବଳ ଯୋଗୁ ଲକ୍ଷ ଲକ୍ଷ ଲୋକେ ବନ୍ୟା ପୀଡ଼ିତ ହୋଇଥା'ନ୍ତି ଓ



ବେଳେବେଳେ ସର୍ବସ୍ୱାନ୍ତ ବି ହୁଅନ୍ତି। ଜଳସେଚନ ବ୍ୟବସ୍ଥା ଜିଲ୍ଲାବାସୀଙ୍କ ପାଇଁ ଯେମିତି ସ୍ୱପ୍ନ ହୋଇଯାଇଛି। କେତେକ ଅଂଚଳରେ ଅନେକ ବର୍ଷ ତଳେ କେନାଲ୍ ଖୋଳା କାମ ଆରମ୍ଭ ହୋଇ ଆଜି ମଧ୍ୟ ତାହା ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏପରିକି

ଭଳି ଅନେକ ଦୁର୍ଲଭ ସଂପଦ ଭରପୂର ହୋଇ ରହିଛି ଏହି ଜିଲ୍ଲାରେ। ସଂପ୍ରତି ଜିଲ୍ଲାରେ ଥିବା ପ୍ରଚୁର ପର୍ଯ୍ୟଟନ ଶିଳ୍ପର ସୁଯୋଗକୁ ଉପଯୋଗର ଆବଶ୍ୟକତା ରହିଛି। ମାତ୍ର ଏଥିପ୍ରତି କେହି ଦୃଷ୍ଟି ଦେଉନାହାଁନ୍ତି। ଏସବୁର ଉପଯୁକ୍ତ ଉପଯୋଗ ହେଲେ, ଜିଲ୍ଲାର ଆର୍ଥିକ ବିକାଶ ହେବା ସହ ଓଡ଼ିଶା ସରକାର ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ପାଇପାରନ୍ତେ। ତେବେ କେନ୍ଦ୍ରାପଡ଼ା ଜିଲ୍ଲାର ଅର୍ଥନୈତିକ ପ୍ରଗତିର ଚାବିକାଠି କେଉଁଠି ରହିଛି, ସେ ସଂପର୍କରେ ବ୍ୟାପକ ସମୀକ୍ଷାର ଆବଶ୍ୟକତା ରହିଛି। ବିଶେଷକରି କେନ୍ଦ୍ରାପଡ଼ାର ଭାଗ୍ୟ ଓ ଭବିଷ୍ୟତ ସାଂସଦ ଓ ବିଧାୟକମାନଙ୍କ ଇଚ୍ଛାଶକ୍ତି ଉପରେ ନିର୍ଭର କରୁଛି। ଦୁର୍ଭାଗ୍ୟବଶତଃ କିଛିବର୍ଷ ତଳୁ କେନ୍ଦ୍ରାପଡ଼ା ଜିଲ୍ଲା ମନ୍ତ୍ରୀଶୂନ୍ୟ ହୋଇ ରହିଥିଲା। ମାତ୍ର ଏଇ ନିକଟରେ ନୂଆ ମନ୍ତ୍ରୀମଣ୍ଡଳ ଗଠନ ବେଳେ କେନ୍ଦ୍ରାପଡ଼ା ଦୁଇଜଣ ବରିଷ୍ଠ ମନ୍ତ୍ରୀଙ୍କୁ ପାଇଛି। ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ, ଶକ୍ତି, ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ମିଳିଥିବାବେଳେ ମନ୍ତ୍ରୀ ଅତନୁ ଶବ୍ୟଶାଚୀ ନାୟକଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗ ମନ୍ତ୍ରୀ ଭାବେ ନିଯୁକ୍ତି ମିଳିଛି। ପୂର୍ବରୁ ଅତନୁ ଶବ୍ୟଶାଚୀ ଏବଂ ପ୍ରତାପ ଦେବ ବିଭିନ୍ନ



ଉପଯୋଗୀ ଜମି ପରିମାଣ ୧ଲକ୍ଷ ୮୨ ହଜାର ୧୮୪ହେକ୍ଟର ରହିଛି। ମୋଟ ୨୪୯ଟି ଗ୍ରାମପଂଚାୟତ ଅନ୍ତର୍ଗତ ୧୫୫୨ଟି ଗ୍ରାମ ରହିଛି ଏହି ଜିଲ୍ଲାରେ। ଗତ ମହାବାତ୍ୟାରେ କ୍ଷତିଗ୍ରସ୍ତ ତାଲିକାରେ ଥିବା କେନ୍ଦ୍ରାପଡ଼ା ଜିଲ୍ଲା ଧ୍ୱଂସସ୍ତୂପରେ ପରିଣତ ହୋଇଥିବା

ଆରମ୍ଭ କରାଯାଇଥିଲା। ହେଲେ ଅଳ୍ପ କିଛିବର୍ଷ ପରେ ଏହି ପ୍ରକଳ୍ପ ମଧ୍ୟ ବିଫଳ ହୋଇଥିଲା। ଆଜି ପର୍ଯ୍ୟନ୍ତ ଉକ୍ତ ଦୁଇଟି ପ୍ରକଳ୍ପର ବିଫଳତା ସଂପର୍କରେ କୌଣସି ସମୀକ୍ଷା ହୋଇନାହିଁ। ସଂପ୍ରତି ଜିଲ୍ଲାରେ ରାସ୍ତାଘାଟ ସମସ୍ୟା ଗମ୍ଭୀର ରହିଛି। ଆଜି ମଧ୍ୟ ବିଭିନ୍ନ ଗାଁ, ପଂଚାୟତ ଓ







କେନାଲ୍ ପାଣି ଯୋଗାଇଦିଆ ନଯାଇ ମଧ୍ୟ ପ୍ରଜାଙ୍କଠାରୁ ଜଳକର ଆଦାୟ କରାଯାଉଥିବା ଅଭିଯୋଗ ହୋଇଥାଏ। ବେଣାକନ୍ଧାଠାରୁ ତନ୍ତିଆପାଳ ପର୍ଯ୍ୟନ୍ତ ୧୩ କି.ମି. ଗୋବରୀ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ପାଇଁ ପ୍ରାୟ ୩୦ ବର୍ଷ ତଳେ ନିଷ୍ପତି ନିଆଯାଇଥିଲେ ହେଁ ବାସ୍ତବ କ୍ଷେତ୍ରରେ ଏଯାଏ ଏହି ଲୋକହିତକର

ବିଭାଗରେ ମନ୍ତ୍ରୀ ଭାବେ ସଫଳତାର ସହ କାର୍ଯ୍ୟ ତୁଲାଇଥିଲେ। ତେବେ ଏହି ଦୁଇ ପ୍ରବୀଣ ମନ୍ତ୍ରୀ କେନ୍ଦ୍ରାପଡ଼ାର ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରି ଚାଲିବେ ବୋଲି ବିଭିନ୍ନ ମହଲରେ ଆଶା କରାଯାଉଛି।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮*

# କୋଣାର୍କରେ ବିଦ୍ୟୁତ ମହୋତ୍ସବ ପାଳିତ



କୋଣାର୍କ (ପିଏନ୍): ଭାରତ ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ଦେଶରେ ଆଜାଦୀକା ଅମୃତ ମହୋତ୍ସବ ପାଳନ କରାଯାଉଛି । ଏହି ଅବସରରେ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଓ ଓଡିଶା ସରକାରଙ୍କ ଶକ୍ତି ବିଭାଗ, ପିଜିସିଆଇଏଲ, ଓପିଟିସିଏଲ, ଟିପିସିଓଡିଏଲର ମିଳିତ ଉଦ୍ୟମରେ ଶୁକ୍ରବାର ପୂର୍ବାହ୍ନରେ କୋଣାର୍କସ୍ଥିତ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଉଜ୍ଜ୍ୱଳ ଭାରତ, ଉଜ୍ଜ୍ୱଳ ଭବିଷ୍ୟ ପାୱାର ଆଦିରେଟ୨୦୪୭ ବିଦ୍ୟୁତ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାମ୍ପ୍ରତିକ ସମୟରେ ବିଜୁଳି ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇ ପଡିଥିବା ବେଳେ ବିଦ୍ୟୁତର ସଦ୍ ବ୍ୟବହାର ଓ ବିଦ୍ୟୁତ ସଂଚୟ ନେଇ ପ୍ରତ୍ୟେକ ଉପଭୋକ୍ତା ସଚେତନ ହେଲେ ଭବିଷ୍ୟତ ପାଇଁ ଶକ୍ତି ସଂଚୟ ହୋଇପାରିବ ବୋଲି ଯୋଗଦେଇଥିବା ଅତିଥିମାନେ ମତପୋଷଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧିନ କୁମାର ନାୟକ, କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଯୁକ୍ତା ତ୍ରିପାଠୀ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ନିମାପଡା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଓପିଟିସିଏଲ ମହାପ୍ରବନ୍ଧକ ପ୍ରଶାନ୍ତ କୁମାର ପଟ୍ଟନାୟକ, ଟିପିସିଓଡିଏଲର ଏସଇ ଜିତେନ୍ଦ୍ର କୁମାର ମିଶ୍ର, ପାୱାର ଗ୍ରୀଡର ମହାପ୍ରବନ୍ଧକ ଏସ କେ ନାୟକ ପ୍ରମୁଖ ଯୋଗଦେଇ ଅତୀତ ଓ ବର୍ତ୍ତମାନର ବିଦ୍ୟୁତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା ସହ ଉପଭୋକ୍ତାମାନଙ୍କ ମଧ୍ୟରେ ସୁସମନ୍ୱୟ, ସୁସମ୍ପର୍କ ରକ୍ଷା କରିବା, ବିଦ୍ୟୁତର ସଦୁପଯୋଗ କରିବା, ସୁରକ୍ଷା ଓ ବିଦ୍ୟୁତ ବିଭାଗର ଦାୟିତ୍ୱ, ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିଜୁଳିର ଉପଲବ୍ଧି ସର୍ବପରି ବିଦ୍ୟୁତ ବିଭାଗ ସଠିକ ସେବା ଯୋଗାଇବା ସହ ରକ୍ଷଣା ବେକ୍ଷଣ ଠିକ୍ ଭାବେ ସମ୍ପାଦନ କରିବା ଏବଂ ଉପଭୋକ୍ତାମାନେ ସଠିକ ସମୟରେ ଦେୟ ପ୍ରଦାନରେ ସହଯୋଗ ପାଇଁ ଅତିଥିମାନେ ମତପୋଷଣ କରିଥିଲେ । ଏହି ଅବସରରେ ଉପଭୋକ୍ତାମାନେ ବିଦ୍ୟୁତ ସଂସ୍କାର ସମ୍ପର୍କରେ ବିବିଧ ମତାମତ ଉପସ୍ଥାପନ କରିଥିଲେ । ବର୍ତ୍ତମାନ ଶକ୍ତି କ୍ଷେତ୍ରରେ ସମଗ୍ର ଦେଶକୁ ଏକ ଗ୍ରୀଡ ଏକ ଫ୍ରିକ୍ୟୁନ୍ସି ସହ ସଂଯୋଗ କରି ୧.୬ ଲକ୍ଷ ସର୍କିଟ କିଲୋମିଟର ଟ୍ରାନ୍ସମିସନ



ଲାଇନ ଯୋଗ କରାଯାଇଛି । ୨୦୧୮ ରେ ଶତକଡା ଶହେ ଭାଗ ଗ୍ରାମ୍ୟ ବିଦ୍ୟୁତିକରଣ ଓ ଘରୋଇ ବିଦ୍ୟୁତିକରଣ ହାସଲ କରାଯାଇଛି । ବ୍ୟବସ୍ଥାକୁ ସୁଦୃଢ ନିମନ୍ତେ ୨.୦୨ ଲକ୍ଷ କୋଟି ଟଙ୍କା ବିନିମୟରେ ଗ୍ରାମାଞ୍ଚଳରେ ୨୦୧୫ ରେ ଥିବା ୧୫ ଘଣ୍ଟା ବିଦ୍ୟୁତ ଯୋଗାଣକୁ ବର୍ତ୍ତମାନ ହାରାହାରି ୨୨.୫ ଘଣ୍ଟାକୁ ବୃଦ୍ଧି କରାଯାଇଛି । ଦ୍ରୁତ ବେଗରେ ବୃଦ୍ଧି ପାଉଥିବା ଅକ୍ଷୟ ଶକ୍ତି କ୍ଷମତା ୨୦୧୪ ରେ ଥବା ୭୬ଟି ଗିଗା ୱାଟରୁ ବର୍ତ୍ତମାନ ୧୬୦ଗିଗା ୱାଟକୁ ଦିଗୁଣିତ ହୋଇଛି । ୨୦୨୧ରେ ୪୦ପ୍ରତିଶତ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ମିଶ୍ରଣ ହାସଲ କରି ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି । ୧୬୯ ଗିଗା ୱାଟ ଉତ୍ପାଦନ କ୍ଷମତା ଯୋଡ଼ି ହୋଇ ଆମ ଦେଶକୁ ଶକ୍ତି ଅଭାବରୁ ଅତ୍ୟଧିକ ଶକ୍ତିରେ ପରିଣତ କରିଛି ବୋଲି ବିଦ୍ୟୁତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ପାୱାର ଗ୍ରିଡର ଜି ଏମ୍ ଶକୁନ୍ତଳା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପିଜିସିଆଇଏଲ, ଓପିଟିସିଏଲ, ଟିପିସିଓଡିଏଲ ର ଅଧିକାରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶକ୍ତି କ୍ଷେତ୍ରରେ ସଚେତନତା ପାଇଁ କ୍ଷୁଦ୍ର ଚଳଚ୍ଚିତ୍ର, ନୁକ୍କଡ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ମରଣଯନ୍ତା ପାଲଟିଛି ଥାନୁଆଳ-ତରିଆ ରାସ୍ତା



ଧର୍ମଶାଳା (ପିଏନ୍): ବର୍ଷେ ଗଲାନି ଅଧ କୋଟି ଟଙ୍କାର ରାସ୍ତା । ୩ବର୍ଷ ହେଲା ମରଣଯନ୍ତା ପାଲଟିଛି ଧର୍ମଶାଳା ବ୍ଲକ ଅନ୍ତର୍ଗତ ଥାନୁଆଳ-ତରିଆ ପୂର୍ତ୍ତ ବିଭାଗ ରାସ୍ତା । ଶହ ଶହ ଖାଲଖମାରେ ରାସ୍ତା ଭର୍ତି । ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଝିରେ ମଝିରେ ରାସ୍ତାରେ କିଛି କିଛି ବଜୁରି ଗୁଣ୍ଡ ପକାଇ ଦିଆଯାଏ । ଦିନ କେଇଟାରେ ବଜୁରି ଗୁଣ୍ଡ ଉଠିଯାଇ ରାସ୍ତାରେ ଆହୁରି ଅଧିକ ଗାଡ଼ ହୋଇଯାଏ । ଖରା ହେଲେ ରାସ୍ତାରେ ପ୍ରବଳ ଧୂଳି ଉଡ଼େ । ବର୍ଷା ହେଲେ କାଦୁଅ ପଚପଚ ରାସ୍ତାରେ ଯାତାୟତ କରିବା କଷ୍ଟକର ହୋଇପଡ଼େ । ଏମିତି ଦୁର୍ଦ୍ଦଶା ମଧ୍ୟରେ ପ୍ରତ୍ୟହ ହଜାର ହଜାର ଲୋକ, ଶହ ଶହ ଗାଡ଼ି ମୋଟର ଓ ଭାରୀଯାନ ଯାତାୟାତ କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଭାଗର ନିଦ ଭାଙ୍ଗୁନାହିଁ । ପ୍ରକାଶ ଯେ, ଥାନୁଆଳ-ତରିଆ ରାସ୍ତାର ବିଭିନ୍ନ ସ୍ଥାନରେ ବହୁ ଖାଲଖମା ସୃଷ୍ଟି ହୋଇ ଏହା ଗମନାଗମନ ଅନୁପଯୋଗୀ ହୋଇପଡ଼ିଥିଲା । ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ପୂର୍ତ୍ତ ବିଭାଗ ପକ୍ଷରୁ ୨୦୧୮ ଶେଷ ଆଡ଼କୁ ୫୦ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ଉକ୍ତ ରାସ୍ତାକୁ ସୁଦୃଢ଼ କରାଯାଇଥିଲା । ମାତ୍ର ନିର୍ମାଣର ମାସ କେଇଟାରେ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ବହୁ ଖାଲଖମା ସୃଷ୍ଟି ହୋଇଥିଲା । ଏପରିକି ରାସ୍ତାରୁ ପିଚୁ ସହିତ ମୋରମ୍, ସ୍ତର ଓ ମାଟି ମଧ୍ୟ ଉଠିଗଲାଣି । ରାସ୍ତାରେ ଶହ ଶହ ସଂଖ୍ୟାରେ ବଡ଼ ବଡ଼ ଖାଲ ଓ ଗୁଳା ସୃଷ୍ଟି ହୋଇଥିବାରୁ ଏହା ଗାଡ଼ିମୋଟର ଯାତାୟାତରେ ବାଧା ସୃଷ୍ଟି କରୁଛି । ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଏହି ରାସ୍ତା ଦେଇ ନିକଟସ୍ଥ କାନପୁର, କଣ୍ଟାମାଳିଆ, ଥାନୁଆଳ, ମୁରାରୀପୁର, ଯୋଗରଡ଼ା, ରଘୁନାଥପୁର, ଖୁଣ୍ଟା ଗ୍ରାମବାସୀଙ୍କ ସମେତ ଆରୁହା, ହରିଦାସପୁର, ପାଖର ଓ ତରିଆ ପଞ୍ଚାୟତର ହଜାର ହଜାର ଲୋକ ପ୍ରତିଦିନ ପୂର୍ବ ଦିଗରେ ଥିବା ଜାରକା ଓ ଧର୍ମଶାଳା ବଜାରକୁ ବିଭିନ୍ନ ସରକାରୀ ଓ ଅନ୍ୟାନ୍ୟ କାର୍ଯ୍ୟପାଇଁ ଯାତାୟାତ କରୁଛନ୍ତି । ସେହିପରି ଗଙ୍ଗାଧରପୁର, ଜାରକା, କୁମାରୀ, ଥାନୁଆଳ ଆଦି ପଞ୍ଚାୟତବାସୀ ପଶ୍ଚିମ ଦିଗରେ ୫୩ନମ୍ବର ଜାତୀୟ ରାଜପଥର ତାରିଣୀ ଛକ କିମ୍ବା ପାଖର ଛକ ଦେଇ ଚଣ୍ଡିଖୋଲ, କଳିଙ୍ଗନଗର, ଯାଜପୁର ରୋଡ୍, ଢ଼େଙ୍କାନାଳ ଆଦି ସ୍ଥାନକୁ ଯା'ଆସ କରୁଛନ୍ତି । ଏଥିସହ ନିକଟରେ ଥିବା ଆରୁହା(ଜାବରା) ପାହାଡ଼ରୁ ଖନନ ହେଉଥିବା କଳାପଥର, ବୋଲଡ଼ର, ନିକଟସ୍ଥ କ୍ରସରରୁ ଚିପ୍ସ୍ ଆଦି ବିଭିନ୍ନ ପଥର ସାମଗ୍ରୀ ଭାରୀଯାନ ଯୋଗେ ଏହି ରାସ୍ତା ଦେଇ ପରିବହନ ହୋଇଥାଏ । ସେହିପରି ନିକଟସ୍ଥ ହରିଦାସପୁର ମୌଜାରେ ଥିବା ରାମ୍‌କୋ ସିମେଣ୍ଟ କାରଖାନାକୁ ମଧ୍ୟ ବିଭିନ୍ନ ଖଣିଜ ସାମଗ୍ରୀ ବଡ଼ ବଡ଼ ଟ୍ରକ୍, ହାଇୱା, ଟ୍ରାକ୍ଟର ଆଦିରେ ବୋଝେଇ ହୋଇ ଯାଇଥାଏ । ଶହ ଶହ ଗାଡ଼ି ମୋଟର ଓ ଭାରୀଯାନ ଚଳାଚଳ କରୁଥିବାରୁ ଏହି ରାସ୍ତାକୁ ଅଧିକ ସୁଦୃଢ଼ କରାଯିବାର ଆବଶ୍ୟକତା ରହିଛି । ହେଲେ ଦାୟିତ୍ୱରେ ଥିବା ଠିକାଦାର ଏହାକୁ ଅତି ତରବରିଆ ଭାବେ ନିମ୍ନମାନର ସାମଗ୍ରୀ ବ୍ୟବହାର କରି ରାସ୍ତାକାମ କରିଥିବା ଅଭିଯୋଗ ଉଠିଥିଲା । ଫଳରେ ନିର୍ମାଣର ମାସ କେଇଟା ପରେ ରାସ୍ତା ଭାଙ୍ଗିରୁଜି ଗଲା । ତୁରନ୍ତ ଉକ୍ତ ରାସ୍ତାକୁ ସୁଦୃଢ଼ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି । ତେବେ ୧୧.୩୧୦ କିମି ଲମ୍ବ ଏହି ରାସ୍ତାର ନବୀକରଣ ନିମନ୍ତେ ୧୫କୋଟି ୬୦ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ପଠାଯାଇଛି । ଏହା ମଂଜୁର ହୋଇ ଆସିଲେ କାମ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ପାରିବାରିକ କଳହ ଯୋଗୁଁ ନାବାଳିକାଙ୍କ ଆତ୍ମହତ୍ୟା

ଧର୍ମଶାଳା (ପିଏନ୍): ଜେନାପୁର ଥାନା ସାହାଣୀଡିହ ପଂଚାୟତ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଗ୍ରାମରେ ଗତକାଲି ଜଣେ ନାବାଳିକା ବେକରେ ଓଢଣି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ମୁତାବକ, ଗତକାଲି ରାତିରେ କୃଷ୍ଣଚନ୍ଦ୍ରପୁର ଗ୍ରାମର ବଂଶିଧର ପ୍ରଧାନଙ୍କ ଘରେ ଟିଭି ରିଚାର୍ଜକୁ ନେଇ ତାଙ୍କ ନାବାଳିକା ଝିଅ ଓ ମାଆଙ୍କ ମଧ୍ୟରେ ଝଗଡା ହୋଇଥିଲା । ଯାହାକୁ ନେଇ ରାତିରେ ନାବାଳିକା ଜଣକ ବେକରେ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଥିଲା । ଏହା ଜାଣିବା ପରେ ପରିବାର ଲୋକେ ପୁଲିସକୁ ଖବର ନଦେଇ ଝିଅର ମୃତଦେହକୁ ଶ୍ମଶାନକୁ ନେଇ ପୋଡି ଦେଇଥିଲେ । ତେବେ କୌଣସି ସୂତ୍ରରୁ ଖବର ପାଇ ପୁଲିସ ସେଠାରେ ପହଁଚି ନାବାଳିକାର ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିବା ସହିତ ପୁଲିସକୁ ଖବର ନଦେବା ନେଇ ତାଗିଦ କରିଥିଲେ । ତେବେ ଟିଭି ରିଚାର୍ଜକୁ କେନ୍ଦ୍ର କରି ଉଭୟ ମାଆ ଓ ଝିଅଙ୍କ ମଧ୍ୟରେ କଳି ଲାଗିବାରୁ ରାତିରେ ଝିଅ ବେକରେ ଓଢ଼ଣି ଲଗାଇ ଘର ପଂଖାରେ ଝୁଲି ଆତ୍ମହତ୍ୟା କରିଛି ବୋଲି ତାର ମାଆ ରମା ପ୍ରଧାନ ଥାନାରେ ଲିଖିତ ଭାବେ ଜଣାଇଥିଲେ । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶ୍ମଶାନରୁ ପାଉଁଶ ଓ ହାଡ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୩, ମଇ ୩୧**

# କର୍ପୁର ଯାଇଛି କନା ପଡ଼ିଛି


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏହି ଉକ୍ତିଟି ଅନେକ କ୍ଷେତ୍ରରେ ଲାଗେ । ଏ ବି ଏକ କ୍ଷେତ୍ର । ଅତୀତରେ ଅନେକ ଏପରି ଥିଲା ତା ମଧ୍ୟରୁ ମୁଁ ଅଙ୍ଗେ ଲିଭାଇବା ବିଷୟଟିଏ ଲେଖୁଛି ପାଠକଙ୍କୁ ଏ କାହାଣୀ ବୋଧ ହୋଇପାରେ ମାତ୍ର ପ୍ରକୃତରେ ଏ ସତ୍ୟ ବିଷୟ । ମୋର ଜନ୍ମ ୧୯୪୭ ମସିହା ଫେବୃଆରୀ ୧ମ ସପ୍ତାହରେ । ଭାରତ ସ୍ୱାଧିନତାର ସୂର୍ଯ୍ୟ ଉଇଁବା ଉଇଁବା ହୋଇ ଆସିବା ବ୍ରହ୍ମବେଳା । ସେତେବେଳେ ଜମିଦାରୀ ପ୍ରଶାସନ ଚାଲୁଥିଲା । ଲୋକମାନେ ଜମିଦାରଙ୍କୁ ହିଁ ଖଜଣା ପୈଠ କରୁଥିଲେ । ଖଜଣା ଦେଲେ ପାଉତି ମିଳୁଥିଲା । ଅନେକ ସମୟ ଖଜଣା ଦେଇ ପ୍ରଜା ପାଉତି ପାଇବାରେ ଜମିଦାର ଆଳ ବାହାର କରୁଥିଲେ । ଏପରିକି ପ୍ରଜାକୁ ତଣ୍ଡ ଦଣ୍ଡ ବା ଜମି ଉଚ୍ଛେଦ ଭୋଗିବାକୁ ହେଉଥିଲା । ସରକାରରେ ବ୍ରିଟିଶ, ଲର୍ଡ଼ ପ୍ରଶାସନ କମିଶନର ପ୍ରଶାସନ ଏହି ପ୍ରଶାସନ ମାଛ ତେଲରେ ମାଛ ଭାଜିବା ବିଦ୍ୟା ବିଶେଷ ପ୍ରୟୋଗ କରୁଥିଲେ । ଅନ୍ୟାୟ କରି ଜମିଦାର ପୋଲିଶ ଦ୍ୱାରା ଲୋକଙ୍କୁ ଦଣ୍ଡ ଦିଆଉଥିଲେ ବା ନିଜର ରକ୍ଷିତ ଗୁଣ୍ଡା ପିଆଦା ଦ୍ୱାରା ଦଣ୍ଡ ଦେଉଥିଲେ । ବାଡ଼ିରୁ ଫଳନ୍ତି ଗଛରୁ ଫଳ ତୋଳିନେବା, ମାଛ ପୋଖରୀ ମାଛ ଧରି ନେବା, ଚାଷ ପାଇଁ ବେଙ୍ଗଳା ବା ହଳ ପାଇଁ ଖୁଣ୍ଟରୁ ବଳଦ ନେଇଯାଉଥିଲେ । ଦାଣ୍ଡ କବାଟ ଯଦି ସୁନ୍ଦର ସୁଦୃଶ୍ୟ କାଠରେ ତିଆରି ତାକୁ ନିଜର ଉଦବୃତ୍ତ ଗୃହରେ ଲଗାଇବାକୁ ନେଇ ଯାଉଥିଲେ । ଗାଈଟିଏ ଯଦି ପ୍ରଜାର ଦୁଗ୍ଧ ପ୍ରଦାନ କଲା ସେଥିରେ ଅନେକଥର ଫୋକଟ ଦୁଗ୍ଧ ନେଇ ଯାଉଥିଲେ । ଏ ପାଇଁ ଲୋକେ ବାଉଁଶ କବାଟ ବା ତାଟି ଗୃହର ମୁଖ୍ୟ ଦରଜାରେ ଲଗାଉଥିଲେ । ଜମିଦାରଙ୍କ ବାହୁଛାୟାରେ ଅନେକ ଗ୍ରାମ୍ୟ ସାହୁକାର ରହୁଥିଲେ । ହ୍ୟାଣ୍ଡନୋଟ କଣ୍ଟକବଲାରେ ଜମି ବନ୍ଧା ରଖି ଲୋକଙ୍କୁ ତାଙ୍କର ଅତି ଦରକାର ବେଳେ ଋଣ ଦେଉଥିଲେ ଯାହା ଉପରେ ଭରସା କରି ଲୋକ ଋଣ ଉଠାଇଥାନ୍ତି ତାହା ଯଦି ଠିକ ସମୟରେ ପୈଠ ନହେଲା ତେବେ ଜମି ଯିବ ବାସଚାଷ ଉଜୁଡ଼ି ଯିବା ଅବସ୍ଥା ହେଉଥିଲା । ଅନେକ ପ୍ରକାର ବେଠି କାମ ସେତେବେଳେ ଥିଲା । ଜମିଦାରଙ୍କ ପୋଖରୀ ଖୋଳା, ଘର ତିଆରି, ଚାଷରେ, ଧାନରୁଆ ପରି କାର୍ଯ୍ୟରେ ପ୍ରଜାଙ୍କୁ ବେଠିରେ ଲଗାଯାଉଥିଲା । ଅନେକଙ୍କୁ ମୂଲିଆ ରଖିବା ପାଇଁ ପାଠପଢ଼ାରେ ପ୍ରଜାଙ୍କ ପିଲା ମାନଙ୍କୁ କିପରି କ୍ଷାନ୍ତ କରାଯିବ ଏପରି ଚକ୍ରାନ୍ତ କରାଯାଉଥିଲା । ପ୍ରତିଗ୍ରାମରେ ଗ୍ରାମର ମଧ୍ୟଭାଗରେ ଜମିଦାର ବସତି କରି ଗ୍ରାମର ବର୍ହିଭାଗରେ ପ୍ରଜାଙ୍କୁ ରଖାଯାଉଥିଲା । ଟିପଚିହ୍ନ ହିଁ ତତ୍କାଳ ବ୍ୟକ୍ତିର ସନ୍ତକ ଥିଲା । କବଲା ପ୍ରଭୃତିରେ କ୍ରେତା ବିକ୍ରେତା ଟିପଚିହ୍ନ ସନ୍ତକ ଦେବାକୁ ନିୟମ କରାଯାଇଥିଲା । ଲୋକ ମରିଗଲେ ପୂର୍ବେ ଶ୍ମଶାନରେ ଅନେକ ଦାହ ନକରି ଏମିତି ଫିଙ୍ଗି ଦେଉଥିଲେ ଅନେକଥର ମଲା ଲୋକ ବୁଢ଼ା ଆଙ୍ଗୁଠିରେ କଳା ଲଗାଇ ସନ୍ତକ ଚକ୍ରାନ୍ତକାରୀ ନେଇ ଜମିଜମା ଲୁଟୁଥିଲେ । ବଡ଼ ବଡ଼ ଲୋକରେ ଜମିଦାର ତାଙ୍କ ସହାୟକ ଗଣତି ହେଉଥିଲେ । ସେ ସମୟରେ ଦୁଇ ପ୍ରକାର ବିବାହ କାର୍ଯ୍ୟ ହେଉଥିଲା । ପ୍ରଥମ ପ୍ରକାର ପାନିକି ଚଢ଼ା ବିବାହ ଓ ଦ୍ୱିତୀୟ ପ୍ରକାର ତୋଳା କନିଆଁ ବିବାହ । ତୋଳା କନିଆଁ ବିବାହରେ କନ୍ୟାକୁ କନ୍ୟାପକ୍ଷ ଆଣି ବରଘରେ ବିବାହ କରୁଥିଲେ । ପାନିକି ଚଢ଼ା ବିବାହରେ ବର ବରଯାତ୍ରୀ ସହ ଥାଟବାଟରେ ଯାଇ କନ୍ୟାଘରେ ବିବାହ ସାରି ପାନିକି ସବାରୀରେ ଫେରୁଥିଲେ । ଏପାଇଁ ବି ଅନେକ ଜମିଦାରୀ ବିଧି ନିୟମ ପ୍ରଜାଙ୍କ ପାଇଁ ଥିଲା । ସ୍ୱାଧୀନତା ପରେ ଏସବୁ ବଦଳିବାରେ ଲାଗି ରହିଛି । ଲୋକ ମୁହଁ ଖୋଲି କହିପାରୁଛନ୍ତି ପିଲାମାନେ ପାଠ ପଢୁଛନ୍ତି, ଚାକିରୀ କରୁଛନ୍ତି, ଭଲକରି ଗଣ୍ଡେ ଖାଇପାରୁଛନ୍ତି । କଂଗ୍ରେସ ପ୍ରଶାସନ ହିଁ ଏପରି ପ୍ରଥାର ରଦ୍ଦ କରି କରି ଆସିଛି । ଏ ସମୟରେ ଶାସନରେ ପ୍ରଥମେ ରାସ୍ତା ପ୍ରାଧାନ୍ୟ ଯୋଗୁଁ ପ୍ରଜାର ଗୃହକୁ ସରକାରୀ ଗାଡ଼ି ସରକାରୀ ଲୋକ ଆସି ପାରୁଛନ୍ତି । ହେଲେ ଜମିଦାର ଭୟ ଠାରୁ ଆହୁରି ଅନେକ ଭୟ ଏବେ ସରକାର ସ୍ତରରେ ଆସିଗଲାଣି । ଜମିଦାର ଗଛ, ମାଛଚାଷ ଓ କନ୍ୟା ଉପରେ ନଜର ଥିଲା । ଏବେ ଧନରତ୍ନ ରୋଜଗାର ଏ ଉପରେ ସରକାରଙ୍କ ନଜର ସେତେବେଳେ ଏତେ ଟିକସ କରାନଥିଲା ଏବେ ଅନେକ ପ୍ରକାର କର ଦେବାକୁ ପଡ଼ିଲାଣି । ପ୍ରତି ଘରକୁ ଗଲେ ବୁଝିପାରିବେ ପ୍ରଜାଙ୍କର ଅନେକ ସମସ୍ୟା ବେଳକୁ ବେଳ ବଢୁଛି । ଟିକସ ବୋଝ ବଢୁଛି ହେଲେ ରୋଜଗାର ବଢ଼ିବା ସମ୍ଭାବନା ସମସ୍ତଙ୍କର ନାହିଁ । ଦେଶର ମୂଲ୍ୟବାନ କର୍ଣ୍ଣଧାରମାନେ ପୂର୍ବର ଜମିଦାର ପରି କାନୁନ ଭୟ ଦେଖାଇ କାର୍ଯ୍ୟ ହାସଲରେ ରହୁଛନ୍ତି । ଜମିଦାର ରାଜତନ୍ତ୍ର ଏବେ ରାଜକର୍ମଚାରୀମାନେ ପ୍ରତ୍ୟେକ କ୍ଷେତ୍ରରେ ଜମିଦାରୀରେ ଲିପ୍ତ । ପଥ ପୂର୍ବଠାରୁ ଆହୁରି ଜଟିଳ ହେବାକୁ ଲାଗିଲାଣି । ବେଠି ବେପାରୀ ଭାତିଆ ଚାକର ପ୍ରଥା ଭିନ୍ନ ରୂପରେ ଏବେ କାମ କରୁଛି । ସରକାରୀ କାର୍ଯ୍ୟ ହାସଲ ପାଇଁ ଠିକା ଶ୍ରମିକ ପରି ପ୍ରଥା ଲାଗିଛି । ଯାହା ଭାତିଆ ଚାକର ଚାକରାଣି ପ୍ରଥା । ଭୋଟରେ ସମାନ ଅଧିକାର ମାତ୍ର ଜୀବନ ଧାରଣରେ ସମାନ ଅଧିକାର ଯଥା ପୂର୍ବ ତଥାପରରେ ରହୁଛି ମୁଁ ଦେଖିଛି ଏବେ ଦେଖୁଛି । ଅନୁଭବରେ ରାଜତନ୍ତ୍ର ଗଣତନ୍ତ୍ରରେ କିଛି ଫରକ ଏବେ ବୁଝା ପଡୁନାହିଁ ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ପ୍ରକୃତି ଦିଏ ଯଥାର୍ଥ ନ୍ୟାୟ

**ତପସ୍ୱିନୀ ପଟ୍ଟନାୟକ**

ଧର୍ମ ଶାସ୍ତ୍ରରେ ଯାହା ବର୍ଣ୍ଣନା ହୋଇଛି, ଜଗତ ସେତିକି ମାତ୍ର ନୁହେଁ । ଶାସ୍ତ୍ରରେ ତ କିଛି ଅଂଶ ହିଁ ଅଛି । ବାକି, ଜଗତ ତ ଅବ୍ୟକ୍ତ ଏବଂ ଅବର୍ଣ୍ଣନୀୟ ଅଟେ ଯେ ଯାହା ଶବ୍ଦରେ ଧାରଣ ହୋଇପାରେ ଏପରି ନୁହେଁ, ତେବେ ପୁଣି ଶବ୍ଦରୁ ବାହାରର କଥା ତୁମେ କେଉଁଠୁ ଆଣିବ ଶବ୍ଦରେ ଧାରଣ ହୁଏନାହିଁ ତେବେ ଶବ୍ଦରୁ ବାହାରେ ତୁମେ ତାହାର ବର୍ଣ୍ଣନା କିପରି ବୁଝିବ ? ପ୍ରକୃତିର ଯେଉଁ ନ୍ୟାୟ, ସେଥିରେ ଗୋଟିଏ କ୍ଷଣ ପାଇଁ ମଧ୍ୟ ଅନ୍ୟାୟ ହୋଇନାହିଁ । ଏ ପ୍ରକୃତି, ଗୋଟିଏ କ୍ଷଣ ପାଇଁ ମଧ୍ୟ ଅନ୍ୟାୟୀ ହୋଇନାହିଁ । କୋର୍ଟରେ ଅନ୍ୟାୟ ହୋଇଥାଇପାରେ, କିନ୍ତୁ ପ୍ରକୃତି କେବେ ଅନ୍ୟାୟୀ ହୋଇନାହିଁ । ପ୍ରକୃତିର ନ୍ୟାୟ କିପରି ଅଟେ ଯେ, ଯଦି ତୁମେ ଭଲ ମଣିଷ ଅଟ ଏବଂ ଆଜି ତୁମେ ଚୋରି କରିବା ପାଇଁ ଯାଅ ତେବେ ତୁମକୁ ପ୍ରଥମରୁ ହିଁ ଧରା ପକାଇ ଦେବ ଆଉ ଯଦି ଖରାପ ମଣିଷ ହୋଇଥିବ ତେବେ ତାକୁ ପ୍ରଥମ ଦିନ ପ୍ରୋତ୍ସାହିତ କରିବ । ପ୍ରକୃତିର ଏପରି ହିସାବ ଯେ, ପ୍ରଥମ ବାଲାକୁ ଭଲ ରଖିବାର ଅଛି, ସେଥିପାଇଁ ତାକୁ ଧରା ପକାଇଦେବ, ତାକୁ ହେଲ୍ପ କରିବ ନାହିଁ ଆଉ ଦ୍ୱିତୀୟ ଜଣଙ୍କୁ ହେଲ୍ପ କରିଚାଲିବ ଏବଂ ପରେ ଏମିତି ମାଡ଼ ମାରିବ ଯେ ପୁଣି ସେ ଉପରକୁ ଉଠି ପାରିବ ନାହିଁ । ସେ ଅଧୋଗତିରେ ଯିବ । ପ୍ରକୃତି ଗୋଟିଏ ମିନିଟ ମଧ୍ୟ ଅନ୍ୟାୟୀ ହୋଇନାହିଁ । ଯଦି ପ୍ରକୃତିର ନ୍ୟାୟକୁ ବୁଝିବ ଯେ, ଯାହା ହେଲା ତାହା ନ୍ୟାୟ ତେବେ ତୁମେ ଏ ଜଗତରୁ ମୁକ୍ତ ହୋଇ ପାରିବ ଅନ୍ୟଥା ପ୍ରକୃତିକୁ ତିଳେମାତ୍ର ବି ଅନ୍ୟାୟୀ ମାନିଲେ, ତେବେ ତାହା ତୁମ ପାଇଁ ଜଗତରେ ସମସ୍ୟାର ହିଁ କାରଣ ଅଟେ । ପ୍ରକୃତିକୁ ନ୍ୟାୟ ମାନିବା, ତାହାର ନାମ ଜ୍ଞାନ । ଯେପରି ଅଟେ ସେପରି ଜାଣିବ, ତାହାର ନାମ ଜ୍ଞାନ ଏବଂ ଯେପରି ଅଟେ ସେପରି ନଜାଣିବା ତାହାର ନାମ ଅଜ୍ଞାନ । ଜଗତରେ ନ୍ୟାୟ ଖୋଜିବା ଯୋଗୁଁ ହିଁ ତ ପୁରା ଦୁନିଆରେ ଲଢ଼େଇ ସବୁ ହୋଇଛି । ଜଗତ ନ୍ୟାୟ ସ୍ୱରୂପ ହିଁ ଅଟେ । ଏଥିପାଇଁ ଏ ଜଗତରେ ନ୍ୟାୟ ଖୋଜିବ ହିଁ ନାହିଁ । ଯାହା ହେଲା, ତାହା ନ୍ୟାୟ । ଯାହା ହୋଇଗଲା ତାହା ହିଁ ନ୍ୟାୟ । ନ୍ୟାୟ ଖୋଜୁଛନ୍ତି, ସେଥିପାଇଁ ଏ କୋର୍ଟ ଇତ୍ୟାଦି ସବୁ ତିଆରି ହେଲା । ନ୍ୟାୟ ସ୍ୱରୂପ ଅଲଗା ଅଟେ ଏବଂ ଆମର ଏ ଫଳ ସ୍ୱରୂପ ଅଲଗା ଅଟେ । ନ୍ୟାୟ-ଅନ୍ୟାୟର ଫଳ ତାହା ତ ହିସାବ ଅନୁଯାୟୀ ଆସେ ଆଉ ଆମେ ତା ସହିତ ନ୍ୟାୟ ଯୋଡ଼ିବା ପାଇଁ ଯାଆନ୍ତି, ପୁଣି କୋର୍ଟକୁ ହିଁ ଯିବାକୁ ପଡ଼ିବ ଅବା ଆଉ ସେଠାକୁ ଯାଇ, ଥକିକରି ଶେଷରେ ଫେରିକି ହିଁ ଆସିବାର ଅଛି । ତୁମେ କାହାକୁ ଗୋଟିଏ ଗାଳି ଦେଇ ତୁବେ ପୁଣି ସେ ତୁମକୁ ଦୁଇତିନି ଗାଳି ଦେଇ ଦେବ, କାହିଁକି ତା ମନ ତୁମ ଉପରେ କ୍ରୋଧିତ ଥାଏ । ସେତେବେଳେ ଲୋକେ କ'ଣ କୁହନ୍ତି ? ତୁ କ'ଣ ପାଇଁ ତିନୋଟି ଗାଳି ଦେଲୁ, ସେ ତ ଗୋଟିଏ ହିଁ ଦେଇଥିଲା । ତେବେ ସେଥିରେ ନ୍ୟାୟ କ'ଣ ? ତାର ଆମକୁ ତିନୋଟି ଦେବାର ହିସାବ ଥିବ, ପଛ ହିସାବ ଶୁଝି ଦିଅନ୍ତି ନା ନାହିଁ ?

*ଶିକ୍ଷାବିତ୍, ମହାନଦୀ ବିହାର, କଟକ*

# ଜଣା ପଡ଼େ ନାହିଁ ଟାଣେ ପଇସା


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ସମସ୍ୟା ଭିତରେ ତମାଖୁ ସେବନ ଅନ୍ୟତମ । ପ୍ରତିବର୍ଷ ପୃଥିବୀର ଜନସଂଖ୍ୟାର ହାରାହାରି ୬ ପ୍ରତିଶତ ଲୋକ ତମାଖୁ ସେବନ ଯୋଗୁଁ ଅକାଳ ମୃତ୍ୟୁବରଣ କରିଥାନ୍ତି । ଶରୀରରେ ଏଭଳି କେତେକ ନିର୍ଦ୍ଦିଷ୍ଟ ଜିନ୍ ରହିଥାଏ ଯାହା ତମାଖୁ ସେବନ ପ୍ରତି ଜଣକୁ ପ୍ରୋତ୍ସାହିତ କରିଥାଏ । ସମ୍ପ୍ରତି ଯୁବପିଢ଼ୀମାନେ ତମାଖୁ ସେବନ ପ୍ରତି ଆକର୍ଷିତ ହୋଇ ନିଜ ଜୀବନକୁ ବିପନ୍ନ କରୁଛନ୍ତି । ତମାଖୁରେ ଥିବା ନିକୋଟିନ୍ ନାମକ ବିଷାକ୍ତ ତତ୍ତ୍ୱ ରକ୍ତରେ ପ୍ରବାହିତ ହୋଇ ସାମୂହିକ କ୍ଷଣିକ ପ୍ରଫୁଲ୍ଲତା ଓ ପରବର୍ତ୍ତୀ ସମୟରେ ସୁସ୍ଥସବଳ ଦେହଟିକୁ ନଷ୍ଟ ବିନଷ୍ଟ କରିଥାଏ । ୨୦୦୦ମସିହାରେ ବିଶ୍ୱ ତମାଖୁ ନିରୋଧ ଦିବସର ସ୍ଲୋଗାନ ଥିଲା ତମାଖୁ ମୃତ୍ୟୁର ଅନ୍ୟତମ ପ୍ରମୁଖ କାରଣ, ୨୦୦୧ରେ ସ୍ଲୋଗାନ ଥିଲା ସେକେଣ୍ଡହ୍ୟାଣ୍ଡ ଧୂମପାନ ମୃତ୍ୟୁକୁ ଡାକିଆଣେ, ସେହିପରି ୨୦୦୨ରେ ତମାଖୁ ମୁକ୍ତ କ୍ରୀଡ଼ା, ୨୦୦୩ରେ ତମାଖୁ ମୁକ୍ତ ଚଳଚିତ୍ର, ତମାଖୁ ମୁକ୍ତ ଫ୍ୟାସନ୍ । ୨୦୦୪ରେ ତମାଖୁ ଦାରିଦ୍ର୍ୟ : ଗୋଟିଏ ବଳୟରେ ଅବସ୍ଥିତ, ୨୦୦୫ରେ ତମାଖୁକୁ ନେଇ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା, ୨୦୦୬ରେ ତମାଖୁ ଏକ ଛଦ୍ମବେଶୀ ମୃତ୍ୟୁ, ୨୦୦୭ରେ ଘରର ଭିତର ପରିବେଶ ତମାଖୁ ମୁକ୍ତ ହେବା ଦରକାର, ୨୦୦୮ରେ ତମାଖୁ ମୁକ୍ତ ଦିବସ, ୨୦୦୯ରେ ତମାଖୁ ସ୍ୱାସ୍ଥ୍ୟଗତ ସତର୍କତା, ୨୦୧୦ରେ ତମାଖୁ ନିୟନ୍ତ୍ରଣରେ ଲିଙ୍ଗ ପ୍ରଭେଦ ଦୂର କରିବା, ୨୦୧୧ରେ ତମାଖୁ ନିୟନ୍ତ୍ରଣ ପାଇଁ ଡବ୍ଲ୍ୟୁଏଚ୍ ପକ୍ଷରୁ ନୂତନ ପ୍ରଣାଳୀର ସ୍ଲୋଗାନ ରହିଥିଲା । ତମାଖୁ ସେବନ ଏକ ଭୟଙ୍କର ମାଦକ ଦ୍ରବ୍ୟ । ଯେଉଁଥିରେ ଏକରୁ ଆଠ ପ୍ରତିଶତ ନିକୋଟିନ୍ ନାମକ କ୍ଷାରୀୟ ପଦାର୍ଥ ରହିଥାଏ । ଏହାକୁ ନିୟମିତ ସେବନ କଲେ ମାନସିକ ଅବସାଦ, ଶ୍ୱାସ, ଶାରୀରିକ ଦୁର୍ବଳତା, ରକ୍ତହୀନତା, ଯକୃତ ବିକାର, ଦୃଷ୍ଟିଶକ୍ତି ନାଶ, ମାନସିକ ଅବସାଦ ତଥା ମୁଖର ବିଭିନ୍ନ ରୋଗ ଉତ୍ପନ୍ନ ହୋଇଥାଏ ।

ସିଗାରେଟ କିମ୍ବା ବିଡ଼ି ଧୂଆଁରେ ଚାରି ହଜାରରୁ ଅଧିକ କ୍ଷତିକାରକ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଶରୀର ଭିତରେ ଫୁସ୍‌ଫୁସ୍ କ୍ୟାନସର, ବ୍ରୋଙ୍କାଇଟିସ୍, ହୃଦ୍‌ଘାତ ଏବଂ ମସ୍ତିଷ୍କରେ ଷ୍ଟ୍ରୋକ ଭଳି ମାରାତ୍ମକ ରୋଗ ସୃଷ୍ଟି କରିଥାଏ । ଏହା ମୂତ୍ରାଶୟ, ଖାଦ୍ୟନଳୀ, ବୃକକ୍, ପାକସ୍ଥଳୀ ଓ ଜରାୟୁ କର୍କଟରୋଗର କାରଣ ସାଜିଥାଏ । ସ୍ତ୍ରୀଲୋକମାନେ ଧୂମପାନ କରୁଥିଲେ ଜନ୍ମିତ ଶିଶୁଟି କମ୍ ଓଜନର ହେବା ସହିତ ଶିଶୁଟି ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ହେବାର ଯଥେଷ୍ଟ ଆଂଶକା ରହିଥାଏ । ବର୍ତ୍ତମାନର ଯୁବପିଢ଼ୀ ଧୂମପାନ ବ୍ୟତୀତ ତମାଖୁ ଓ ଗୁଟକାକୁ ବହୁଳ ବ୍ୟବହାର କରୁଥିବାରୁ ମୁଖ୍ୟ ଗହ୍ୱର ଓ ଦାନ୍ତ ମାଢ଼ିରେ ବହୁଳ ଭାବରେ କ୍ଷତ ଦେଖାଯାଇଥାଏ । ବିଶ୍ୱ ତମାଖୁ ନିରୋଧ ଦିବସରେ ସମଗ୍ର ବିଶ୍ୱରେ ତମାଖୁ ସେବନର ଅପକାରିତା ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ଅଙ୍କୁଶ ଲଗାଇବା ସହ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରଥମେ ପ୍ରୟାସ ଆରମ୍ଭ ହୋଇଥିଲା । ୧୯୮୭ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଧିବଦ୍ଧ ଭାବରେ ପ୍ରସ୍ତାବ ଆଗତ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚାଳିଶତମ ପ୍ରତିଷ୍ଠା ଦିବସ ଅପ୍ରେଲ ୭, ୧୯୮୮ ମସିହା ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରିବାକୁ ସର୍ବସମ୍ମତି ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଥିଲା । ସେ ସମୟରେ ତମାଖୁ ସେବନ କରୁଥିବା ବ୍ୟକ୍ତିମାନଙ୍କୁ ଅତିକମ୍‌ରେ ଗୋଟିଏ ଦିନ ଏଥିରୁ ବିରତ ରହିବାକୁ ସଚେତନ ମାଧ୍ୟମରେ ସେମାନଙ୍କୁ ଅନୁରୋଧ କରାଯାଉଥିଲା । ୧୯୮୮ରେ ଏହି ସଂଗଠନ ପକ୍ଷରୁ ଆଉ ଏକ ପ୍ରସ୍ତାବ ୱାଲର୍ଡ଼ ହେଲଥ୍ ଆସେମ୍ବ୍ଲି ଅଧିବେଶନରେ ଉପସ୍ଥାପନ କରାଯାଇଥିଲା ଯାହାପାଇଁ ମେ ୩୧ ତାରିଖକୁ ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରାଯାଇ ଆସୁଅଛି ।

ତମାଖୁ ସେବନର ଭୟାବହତା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱର ସହ ବିଚାର କରି ବ୍ୟାପକ ସଚେତନତା ସୃଷ୍ଟି କରିଛନ୍ତି । ସେହିପରି ତମାଖୁକୁ ଆକର୍ଷିତ କରିବା ପାଇଁ ବିଜ୍ଞାପନ, ସାମାଜିକ ଓ ଆଇନଗତ କଟକଣା ନଥିବା ଯୋଗୁଁ ଏହାର ବ୍ୟବହାର ବଢ଼ି ବଢ଼ି ଚାଲିଛି । ରାଜ୍ୟରେ ଅସହାୟ, ଗରିବ, ଅପରିଚିତ ଓ ଦାରିଦ୍ର୍ୟ ସୀମାରେଖାତଳେ ଥିବା ରୋଗୀମାନଙ୍କର ସର୍ବବିଧ କଲ୍ୟାଣ ପାଇଁ ଓଡ଼ିଶା ସରକାର ସ୍ୱତନ୍ତ୍ର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସଚେତନଧର୍ମୀ କାର୍ଯ୍ୟକ୍ରମ ସହ ପଥପ୍ରାନ୍ତ ସଭା, ଆଲୋଚନାଚକ୍ର ଓ ନିର୍ଦ୍ଦିଷ୍ଟ ଭାବରେ କିଛି ବ୍ୟକ୍ତିତ୍ୱଙ୍କର ମାନସିକତା ଓ ଆଧ୍ୟାତ୍ମିକ କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସେବାଭିମୁଖୀ ଯୋଜନା ହାତକୁ ନିଆଯାଇଛି । ଦିବ୍ୟମୟ ସ୍ୱାସ୍ଥ୍ୟପାଇଁ ନିଶା ଦ୍ରବ୍ୟ ସେବନ ଓ ତମାଖୁ ଠାରୁ ଦୂରେଇ ରହିବା ପାଇଁ ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଜନସଚେତନତା ସୃଷ୍ଟି ହେଉଛି । ତମାଖୁକୁ ପରିତ୍ୟାଗ କରି ମାନସିକସ୍ତରରେ ପ୍ରସ୍ତୁତ ହେଲେ ଜଣେ ଦିବ୍ୟ ଶରୀର ଓ ଦିବ୍ୟ ଚିନ୍ତନର ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବ । ତେଣୁ ତମାଖୁ ଓ ତମାଖୁ ସେବନ କରୁଥିବା ଲୋକମାନଙ୍କ ପ୍ରତି ଘୃଣା ଭାବ ସୃଷ୍ଟି ନକରି ସେମାନଙ୍କୁ ସଚେତନ କରି ସ୍ନେହ ଓ ଭଲପାଇବା ଦ୍ୱାରା ସେମାନଙ୍କ ଜୀବନର ଭୟଙ୍କର କୁ-ଅଭ୍ୟାସକୁ ଦୂରେଇ ପାରିଲେ ଆପଣ ଜଣେ ଯଥାର୍ଥ ସେବକ ଭାବରେ ନିଜ ଦାୟିତ୍ୱ ତୁଲାଇ ପାରିବେ । ଏ କ୍ଷେତ୍ରରେ ସରକାରଙ୍କ ଠାରୁ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଓ ସର୍ବୋପରି ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆସନ୍ତୁ ଆଜିର ଦିନରେ ସମାଜରୁ ତମାଖୁ ମୁକ୍ତ ପରିବେଶକୁ ଦୂରେଇ ଏକ ଦିବ୍ୟମୟ ପରିବେଶ ଓ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ଯେପରି ଘରେ ଘରେ ପହଞ୍ଚାଇ ପାରିବା ।

*ପ୍ରଫେସର, ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,*
*କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଆଧୁନିକ ବିଶ୍ୱକୁ ଶ୍ରେଣୀ-ଚେତନା ଥିଲା ମାର୍କ୍ସ-ଏଙ୍ଗେଲଙ୍କର ବରଦାନ


ଉମାଶଙ୍କର ପ୍ରସାଦ

ଆଧୁନିକ ବିଶ୍ୱକୁ ଶ୍ରେଣୀ-ଚେତନା ମାର୍କ୍ସ-ଏଙ୍ଗେଲଙ୍କର ଏକ ବିଶିଷ୍ଟ ବରଦାନ ଥିଲା । ପୂର୍ବରୁ ଯଦିଓ ଶ୍ରେଣୀ ଥିଲା ମାତ୍ର ନଥିଲା ଶ୍ରେଣୀ ଚେତନା । ଏହି ଶ୍ରେଣୀ ଚେତନା ଏକ ଭାବବାଦି ଦର୍ଶନ ନୁହେଁ; ବାସ୍ତବବାଦୀ ଦର୍ଶନ । ଏହାର ଲକ୍ଷ୍ୟ ବୁର୍ଜୁଆ ଧନତାନ୍ତ୍ରିକ ଶୋଷଣ ଓ ଏକଚାଟିଆ ଆର୍ଥିକ ଅଧିକାରକୁ ଭାଙ୍ଗି ଶ୍ରେଣୀହୀନ ସମାଜବାଦ ପ୍ରତିଷ୍ଠା । ଏହା ସର୍ବହରା ଶ୍ରେଣୀକୁ ଧର୍ମର ମଦ ଖୁଆଇ ଶୁଆଇ ଦିଏ ନାହିଁ, ଶ୍ରମିକ କୃଷକ ସମାଜକୁ ଆଦୌ ନିର୍ବଳ ମନେକରେ ନାହିଁ । ସମସ୍ତଙ୍କ ମନରେ ଏକ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ କରିଥାଏ । ତତ୍ ସହିତ ଉତପ୍ତ କରେ, ଶାଣିତ କରେ, ସମସ୍ୟା ସମ୍ପର୍କରେ ସଚେତନ କରେ, ଅଧିକାରବୋଧ ବିଷୟରେ ସଚେତନତା ସୃଷ୍ଟି କରେ । ତେଣୁ କୁହାଯାଏ ଏମାନେ ହେଉଛନ୍ତି "The living soul of culture". ଲେନିନ୍ କହନ୍ତି—" only he is a Marxist who extends the recognition of the class struggle to the recognition of the dictatorship of the proletariat". ସେ ମଧ୍ୟ କୁହନ୍ତି ସର୍ବହରା ଏକନାୟକତ୍ୱ ଦ୍ୱାରା ଶ୍ରେଣୀହୀନ ସମାଜ ପ୍ରତିଷ୍ଠା ସମ୍ଭବ ହୁଏ । ଯେତେବେଳେ ଶ୍ରମିକ ସମାଜ ରାଜନୀତିକ ସଂଗ୍ରାମ ଦ୍ୱାରା କ୍ଷମତା ଦଖଲ କରନ୍ତି ସେତେବେଳେ ତାହା ବୈପ୍ଳବିକ ସଂଗ୍ରାମରେ ପରିଣତ ହୁଏ ଓ ସେଥିରେ ଆର୍ଥନୀତିକ ତଥା ଆଦର୍ଶଗତ ସଂଗ୍ରାମ ମଧ୍ୟ ସାମିଲ ହୋଇଯାଏ । ସର୍ବହରା ଶ୍ରମିକମାନଙ୍କର ସଂଗଠିତ ଶ୍ରେଣୀ-ସଂଗ୍ରାମର ଲକ୍ଷ ହେଉଛି ସମାଜବାଦର ପ୍ରତିଷ୍ଠା । ଏହାର ଅନ୍ୟତମ ଲକ୍ଷ ମଧ୍ୟ ହେଉଛ ବୁର୍ଜୁଆ ଶ୍ରେଣୀର ମନମୁଖୀ ଏକଚାଟିଆ କାରବାରକୁ ବିଲୋପ କରିବା । ଆଧୁନିକ ଶ୍ରେଣୀ-ସଂଗ୍ରାମ, ଯାହା ସର୍ବହରା ଶ୍ରମିକ ମାନଙ୍କ ଦ୍ୱାରା ପରିଚାଳିତ, ତାହା କେବଳ ସେହି ଶ୍ରେଣୀର ମଙ୍ଗଳ ନୁହେଁ; ସାମଗ୍ରିକ ଭାବରେ ସମାଜର ଓ ରାଷ୍ଟ୍ରର ମଧ୍ୟ ମଙ୍ଗଳ ଚାହେଁ । ଏହା ସଦା ଆନ୍ତର୍ଜାତିକ ଭାବନାରେ ଉଦ୍‌ବୁଦ୍ଧ । 'ପୁଞ୍ଜିବାଦ' (ଉବକ୍ତ୍ରସଶ୍ୱବକ୍ଷସଶ୍ୱଜ୍ଞ) ଏହାର ମୁଖ୍ୟ ଶତ୍ରୁ । ସମାଜରେ ଯାବତୀୟ ଶୋଷଣକୁ ରୋକିବା ବା ବିରୋଧ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ତତ୍ ସହିତ ଏକ ସମାଜବାଦୀ ସମାଜର ପ୍ରତିଷ୍ଠା କରିବା ଏହାର ଲକ୍ଷ ।

ସମାଜ ଏକ ଜୀବନ୍ତ ସଂଗଠନ । ଏହି ସଂଗଠନରେ ପ୍ରତ୍ୟେକ ପ୍ରତ୍ୟେକଙ୍କ ସହିତ ଅନ୍ତର୍ନିହିତ ସମ୍ପର୍କରେ ଅନୁବନ୍ଧିତ । ସମାଜ କୌଣସି ଅତିଭୌତିକ ଶକ୍ତି ଦ୍ୱାରା ନିୟନ୍ତ୍ରିତ ନୁହେଁ; ବରଂ ତାହା ବସ୍ତୁବାଦୀ ନିୟମ ଦ୍ୱାରା ପରିଚାଳିତ । ସାମାଜିକ ଗତିଶୀଳତା ପାଇଁ ଶ୍ରମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶ୍ରମ ଯେତେବେଳେ ସବୁ ପ୍ରକାର ଶୋଷଣରୁ ମୁକ୍ତ ହୋଇଯାଏ ସେତେବେଳେ ଶ୍ରମିକ ବା ଶୋଷିତ ମଣିଷ ଭିତରେ ଦେଖାଦିଏ ନାନ୍ଦନିକ ସର୍ଜନଶୀଳତା । 'କ୍ରିଲୋଭ' ଙ୍କ ମତରେ "The great historical mission of the proletariat that Marx and Engels saw the social force which could change the world and provide for further progress not only in economics and politics, but also in culture". ପୃଥିବୀର ପୁନଃନିର୍ମାଣ ଓ ସେଥିରେ ସାମ୍ୟବାଦ ପ୍ରତିଷ୍ଠା ପାଇଁ ସର୍ବହରା ଶ୍ରମିକ ସଂଗ୍ରାମର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ତାହାକୁ ମାର୍କ୍ସ ଓ ଏଙ୍ଗେଲସ୍ ଏକ ଅଭ୍ୟର୍ଥ ଶକ୍ତି ଭାବରେ ଦର୍ଶାଇଦେଲେ ଓ ତାହା ହିଁ ମାନବ ଗତିର ନୈତିକ ଓ ନାନ୍ଦନିକ ମୂଲ୍ୟବୋଧକୁ ପ୍ରକାଶ କଲା । ଯେତେବେଳେ ପ୍ରୋଲେଟେରିଏଟ୍ ଚେତନା ବା ଅନ୍ୟ ଅର୍ଥରେ ଶ୍ରେଣୀ-ସଂଗ୍ରାମର ବାର୍ତ୍ତା ଲେନିନ୍‌ଙ୍କ ସମୟରୁ ବାସ୍ତବତାର ରୂପ ନେଲା ଓ 'ଜାର୍' ଶାସନର ଅବସାନ ଘଟାଇ ଶ୍ରେଣୀହୀନ ସମାଜବାଦ ପ୍ରତିଷ୍ଠା ଲାଭ କଲା ଓ ସେହି ସମୟରୁ ବୁର୍ଜୁଆ ଚେତନାରେ ନୂତନ କୌଶଳ ଅବଲମ୍ବିତ ହୋଇ ସାଧାରଣ ସର୍ବହରା ଜନଗଣଙ୍କୁ ଭୁଲାଇବା ପାଇଁ ଉଦ୍ୟମ ହେଲା । ବିଗତ ବର୍ଷ ପରି ଆଜି ମଧ୍ୟ ଶ୍ରମିକ ଶ୍ରେଣୀ କିଛି କମ ଶୋଷଣ ହେଉନାହାଁନ୍ତି ଆଜିର ତଥାକଥିତ ରାଜନେତା ବୁର୍ଜୁଆ ତଥା ଧନୀକ ଶ୍ରେଣୀ ମାନଙ୍କ ଦ୍ୱାରା । କିନ୍ତୁ ସମୟର ପରିବର୍ତ୍ତନରେ କିଛିଟା ନିର୍ଯ୍ୟାତନାର ପରିମାଣ କମିଛି ଅନ୍ୟ ପକ୍ଷରେ ସେହି ଶ୍ରମିକ ଶ୍ରେଣୀ ଆଜି ରାଜନେତା ମାନଙ୍କର ଗୋଡାଣିଆ ସାଜି ତାଙ୍କର ସ୍ୱାଭିମାନ ଓ ନୈତିକ ଚେତନାକୁ ଜଳାଞ୍ଜଳି ଦେଇଛନ୍ତି ।

ଅତିତରେ ସେହି ବୁର୍ଜୁଆ କଳାର ପ୍ରତିସ୍ରୋତରେ ପ୍ରୋଲେଟେରିଏଟ କଳା ଗତିକରି କ୍ରମଶଃ ସମଗ୍ର ସମାଜର ଚେତନାକୁ ରୂପାନ୍ତରିତ କରିଦେଲା । ଏହାଦ୍ୱାରା 'Art returns to life, and becomes a reality to all men'. ତେଣୁ କଳା ବା କବିତା ଓ ସାହିତ୍ୟ ମଧ୍ୟ ସର୍ବହରା ମଣିଷର ସମସ୍ୟା, ତାର ଉନ୍ମେଷ ଓ ଉତ୍ତରଣ ବୁର୍ଜୁଆ ସମାଜ ବିରୋଧରେ ତାର ସଂଗ୍ରାମକୁ ସୁତୀବ୍ର ଓ ଗତିଶୀଳ କରିଥିଲା । ସର୍ବହରା ମଣିଷ ମାନଙ୍କର ଶ୍ରେଣୀ ଚେତନା ଯେବେଳେ ଶାଣିତ ଓ ସୁତୀବ୍ର ହୋଇଯାଏ ସେତେବେଳେ ସେମାନେ ଶୋଷକ ଶ୍ରେଣୀ ମାନଙ୍କର ଯାବତୀୟ ଭୂଲାଣିଆ କୌଶଳକୁ ଜାଣି ସକଳ ବିରୋଧ ପ୍ରତିଘାତକୁ ଅତିକ୍ରମ କରି ବିଜୟୀ ହୁଅନ୍ତି । ଏମାନେ ଯେଉଁ ହିଂସା ଆଚରଣ କରନ୍ତି ତାହା ହିଂସା ନହୋଇ ଅହିଂସା ହେବାସହ ଲୋକ-କଲ୍ୟାଣ ଓ ଶୋଷଣ ରହିତ ସମାଜବାଦ ର ପ୍ରତିଷ୍ଠ ହୋଇଥାଏ । ଏହି ଶୋଷକ ଶ୍ରେଣୀର ସମସ୍ତ ପ୍ରଚେଷ୍ଟା,ଆଇନ କାନୁନ, ଗୋଳା ବାରୁଦ ସର୍ବହରା ଶ୍ରେଣୀର ସଚେତନ ଜାଗରଣ ନିକଟରେ ବ୍ୟର୍ଥ ହୋଇଥାଏ । ଥିଲାବାଲା (ଷବଙ୍ଗରଶ୍ୱ)ଙ୍କର ଯାବତୀୟ କୌଶଳ ଓ ଅପକୌଶଳ ନଥିଲାବାଲା(have nots) ଙ୍କ ସାମାଜିକ ଅଙ୍ଗୀକାରବଦ୍ଧତା ନିକଟରେ ନିଷ୍ପ୍ରଭ ହୋଇଯାଏ ।

ସ୍ୱାଧୀନତା ପରେ ଭାରତବର୍ଷରେ ତଥା ଓଡିଶାରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରଚଳିତ ହେଲା ମାତ୍ର ଗଣତନ୍ତ୍ର ଭିତରେ ଯେଉଁ ନେତା, ମନ୍ତ୍ରୀ, ପ୍ରଶାସକ, ବିଚାରକ, ପୋଲିସ ଓ ଶିଳ୍ପପତି ମାନଙ୍କର ଆବିର୍ଭାବ ଘଟିଲା ସମସ୍ତେ ହୋଇଗଲେ ସୁଖଭୋଗୀ ଓ ନୂତନ ବୁର୍ଜୁଆ ମାନସିକତାର ଦାୟାଦ । ଲୋକ-କଲ୍ୟାଣ, କୃଷକ ଓ ଶ୍ରମିକ ମଙ୍ଗଳ, ଆଦିବାସୀ ବା ଜନଜାତିଙ୍କ ବିକାଶ ନାମରେ ରାଷ୍ଟ୍ରର ଅର୍ଥକୁ ହରିଲୁଟ କରି ଅଭିଯାତ ବୋଲାଇବାର ମାନସିକତା, ସର୍ବହରା ମଣିଷ ମାନଙ୍କୁ ଟଙ୍କାକିଆ, ଗହମ ଓ ଚାଉଳ, ଇନ୍ଦିରା ଆବାସ , ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଆବାସ, ସାଇକେଲ, ମୋବାଇଲ୍ ଇତ୍ୟାଦି ଦେଇ ଭୁଲାଇ ନେଉଳକୁ ଅଫିମ ଖୁଆଇ ଶୁଆଇଲା ପରି ଜନଗଣଙ୍କୁ ନିର୍ବେଦ କରିଦେବାର କୌଶଳ ଏପରି ପ୍ରଭାବ ବିସ୍ତାର କରିଯାଇଛି ଯେ 'ଶ୍ରେଣୀ ଚେତନା' ସୃଷ୍ଟି ହେବାର ହ୍ରାସ ପାଇଯାଇଛି । ମୋ ମତରେ ସମାଜର ସଚେତନ ଲେଖକମାନେ ହିଁ ଆଶାର ଆଲୋକ ଦେଖାଇ ପାରିବେ ବୋଲି ମୋର ବିଶ୍ୱାସ । ଫଳରେ ମାର୍କସ୍ ଓ ଏଙ୍ଗେଲ ଦେଖାଇଥିବା ସ୍ୱପ୍ନ ସାକାର ହେବ ।

*ଖୋର୍ଦ୍ଧା*
*(ମୋ: ୬୩୭୦୬ ୭୫୫୬୨)*

# ସବୁଜ ସୁନ୍ଦର ଏଇ ଆମ ଘର


ଶେଖ ଫରିଦଉଦ୍ଦିନ

ପ୍ରକୃତିର ସବୁଜିମା ଓ ଫୁଲର ସମ୍ଭାର ସମସ୍ତଙ୍କୁ ଆକର୍ଷିତ କରିଥାଏ । କାରଣ ଫୁଲ କେବଳ ଆମ ଘରକୁ ନୁହେଁ ଆମ ଜୀବନରେ ବି ରଙ୍ଗ ଭରିଦିଏ । ପ୍ରବଳ ଖରାରେ ବାହାରକୁ ଚାହିଁ ନ ହେବା ବେଳେ ସବୁଜିମାରେ ସଜା ଯାଇଥିବା ଘରକୁ ଦେଖିଲେ ଆଖିକୁ ଶାନ୍ତି ଓ ହୃଦୟକୁ ଶୀତଳତା ଅନୁଭବ ହୁଏ । ତେଣୁ ଏହି ଖରାଦିନରେ ଘରକୁ ସବୁଜ ସୁନ୍ଦର କରି ରଖିଲେ ନିଜକୁ ଏହା ଶାନ୍ତି ପ୍ରଦାନ କରିଥାଏ । ଏଥିପାଇଁ ବୋଧେ ବହୁ ଲୋକ ନିଜ ଛାତ ଓ ବାଲକୋନୀମାନଙ୍କରେ ସୁନ୍ଦର ସୁନ୍ଦର ଫୁଲ ଓ କ୍ରୋଟେନ ଗଛ ସବୁ ସଜାଇ ରଖିଥାନ୍ତି । ଆଉ ଆପଣ ଚାହିଁଲେ ବି ଆରାମରେ ଘରକୁ ସବୁଜ ସୁନ୍ଦର କରିପାରିବେ । ଏହି ଗଛଗୁଡ଼ିକ ଲଗାଇବା ପାଇଁ ପ୍ରଥମ ଆବଶ୍ୟକତା ହେଉଛି ମାଟି । ସେଥିପାଇଁ ସଢ଼ାପତ୍ରର ଖତ ଓ ମାଟି ମିଶାଇ ରଖିବା ଉଚିତ । ମଞ୍ଜିରୁ ଗଛଗୁଡ଼ିକ ଅଙ୍କୁରୋଦଗମ ହେବା ପରେ ଓ ଏହି ଗଛ ୧୦ ସେଣ୍ଟିମିଟର ହୋଇଗଲେ ଏହାକୁ କୁଣ୍ଡକୁ ନେଇ ଆସିବା ଭଲ । କୁଣ୍ଡ ତଳେ ପାଣି ନିଷ୍କାସନ ହେବା ପାଇଁ ଛୋଟିଆ ଛିଦ୍ର ରଖିବେ । ଧ୍ୟାନ ରଖନ୍ତୁ ଛିଦ୍ରଗୁଡ଼ିକ ଯେପରି ବେଶି ବଡ଼ ନ ହୁଏ । ଗଛ ପାଇଁ ସଠିକ କୁଣ୍ଡ ବାଛିବା ନିହାତି ଜରୁରୀ । ସେଥିପାଇଁ ସୁବିଧା ଦୃଷ୍ଟିରୁ କୁଣ୍ଡ ଗୁଡ଼ିକ ବେଶି ଓଜନିଆ ଓ ବେଶି ବଡ଼ ନ ହେବା ଭଲ । କାରଣ ବଡ଼ ହେଲେ ଏହା ଘରର ବହୁତ ଜାଗା ଅକ୍ତିଆର କରି ରଖିବ । ଓଜନଦାର ହେଲେ ଏହାକୁ ବାଲକୋନୀର କୌଣସି ଜାଗାରେ ଝୁଲାଇ ରଖିବାକୁ ଚାହିଁଲେ ରଖି ହେବ ନାହିଁ । ସେରାମିକ କୁଣ୍ଡ ସାଧାରଣତଃ ସୁନ୍ଦର ଓ କମ ଓଜନିଆ ହୋଇଥାଏ । ଝୁଲା ବାସ୍କେଟ ବିଶେଷ କରି ଘରମାନଙ୍କରେ ବ୍ୟବହାର ଉପଯୋଗୀ ହୋଇଥିବା କାରଣରୁ ଏହାକୁ ବ୍ୟବହାର କରିବା ଭଲ । କେତେକ ଏପରି ଫୁଲଗଛ ଦେଖିଲେ ମନରେ ଶାନ୍ତଭାବ ଜାଗ୍ରତ ହୋଇଥାଏ । ସେଗୁଡ଼ିକ ଭିତରେ ରହିଛି ସେଲୋସିଆ, ଜିନିଆ, ଲିଲି, ସୂର୍ଯ୍ୟମୁଖୀ, ଗେଣ୍ଡୁ ଫୁଲ ଭଳି ଫୁଲ । ଏହି ଫୁଲଗୁଡ଼ିକୁ ଆପଣ ବାଲକୋନୀ ଓ ଲନ ଭିତରେ ଲଗାଇ ପାରିବେ । ଏହିପରି ବହୁ ନାଲି, ନାରଙ୍ଗୀ, ଧଳା, ଗୋଲାପୀ ଫୁଲକୁ ଆପଣ ଘର ଭିତରେ ଓ ବାହାର ବାଲକୋନୀ ବା ଲନରେ ଲଗାଇ ପାରନ୍ତି । ଘରେ ଲଗାଇବା ପାଇଁ ଇନଡ଼ୋର ପ୍ଲାଣ୍ଟ ବି ଆଜିକାଲି ବହୁ ପ୍ରକାରର ଉପଲବ୍ଧ ହେଲାଣି । ପାମ, ବୋନସାଇ, ମନିପ୍ଲାଣ୍ଟ, କାକ୍‌ଟସ୍ ଭଳି ବହୁ ଇଣ୍ଡୋର ପ୍ଲାଣ୍ଟ ମିଳୁଛି । ପାଣି ଓ ଖରା ଦେଇ କିଛି ସମୟ ବାହାରେ ରଖିବା ପରେ ଏହା ଘରେ ରଖିବାର ଉପଯୋଗୀ ହୋଇପାରୁଛି । ଆଜିକାଲି ଫୁଲକୁ ବ୍ୟବସ୍ଥିତ ଢଙ୍ଗରେ ସଜାଇବା ଏକ ଆର୍ଟ ହୋଇ ଯାଇଛି । ଏଥିରେ ଫୁଲର ଆକାର ରଙ୍ଗ ଓ ଏହାର ସ୍ୱାଭାବିକ ରଙ୍ଗକୁ ତାଜା ରଖିବାର ମହତ୍ତ୍ୱ ଦିଆଯାଇଥାଏ । ସ୍ଥାୟୀ ସାଜସଜ୍ଜା ପାଇଁ ଏଥି ସହ କଳାତ୍ମକ ଶୁଖିଲା ପତ୍ର ଓ କାଗଜକୁ ନେଇ ସୁନ୍ଦର ଆକାର ଦିଆଯାଇପାରେ । ପତ୍ରର ଦୁଇଚାରୋଟି ଡ଼ାଳ ଅଫିସର କ୍ୟାବିନକୁ କାମ କରିବାର ଖୋରାକ ଯୋଗାଇପାରେ । ଡିନର ଟେବୁଲ ଉପରେ ଗୋଲାପ ଫୁଲରୁ କିଛି ରଖିଲେ ଏହା ଖାଇବାର ମଜା ଦୁଇଗୁଣା କରି ଦିଏ । ବେଡରୁମରେ ତ ଏହାର ସୁଗନ୍ଧ ମନକୁ ଅଧିକ ରୋମାଣ୍ଟିକ କରିଦିଏ । ଗ୍ଲାଡ଼ିଏଲା, ରଜନୀଗନ୍ଧା, ଟ୍ୟୁଲିପ, ଲିଲି, ଗୋଲାପ ଆଦି ଫୁଲ ଘର ଭିତରେ ସଜାଇବା ପାଇଁ ଠିକ ହୋଇଥାଏ । ଅପ୍ରାକୃତିକ ଓ ଶୁଖିଲା ଫୁଲ ସହ ତାଜା ପ୍ରାକୃତିକ ଫୁଲକୁ ମିଶାଇ ସଜାଇଲେ ତାହା ଆକର୍ଷଣୀୟ ହୋଇଥାଏ । କାନ୍ଥରେ ଥିବା ବଡ଼ ଚିତ୍ର ତଳେ ଏକ ବଡ଼ କୁଣ୍ଡ ରଖି ସେଥିରେ ଫୁଲ ସଜାଇଲେ ଭଲ ଦେଖାଯାଏ । ଡାଇନିଂ ଓ ଘର ମଝିରେ ଥିବା ଟେବୁଲ ଉପରେ ଫୁଲତୋଡ଼ା ଆକୃତିର ବି ସଜା ଯାଇପାରେ । ଖରାଦିନରେ ଫୁଲକୁ ସତେଜ ରଖିବା ପାଇଁ ଏଥିରେ ପାଣି ଛିଞ୍ଚିବା ଜରୁରୀ । ଏହି ପାଣିରେ ଲେମ୍ବୁରସ ମିଶାଇଲେ ଏହା ଆହୁରି ଲାଭଦାୟୀ ହୋଇଥାଏ । କିମ୍ବା ଏକ ପାତ୍ରରେ ଏହାକୁ ଅଧା ବୁଡ଼ାଇ ରଖାଯାଇପାରେ । ଶିତଳତା ଅନୁଭବ ପାଇଁ ଘର ଭିତରେ ବିଭିନ୍ନ ଗଛ ବି ଦରକାର ହୋଇଥାଏ । କୁଣ୍ଡରେ ରଖିଥବା ଗଛର ଅଧିକ ଯତ୍ନ ଆବଶ୍ୟକ ହୋଇଥାଏ । ଏହାକୁ ସମୟ ସମୟରେ ସଫା କରିବା ଓ ପାଣି, ଖରା ଦେବା ଆବଶ୍ୟକ । ଲମ୍ବା ଗଛଗୁଡ଼ିକୁ ସାହାରା ଦରକାର ହୋଇଥାଏ ନଚେତ ଏହା ବପନରେ ନଇଁପଡ଼େ । ଧ୍ୟାନ ରଖିବା ଜରୁରୀ ଯେ କୁଣ୍ଡଗୁଡ଼ିକ ଉପରେ ଯେପରି ସୂର୍ଯ୍ୟ କିରଣ ସିଧା ନ ପଡ଼ି ବରଂ ଆଲୋକ ଓ ପବନ ଉଚିତ ମାତ୍ରାରେ ମିଳିବା ଉଚିତ । ଇଣ୍ଡୋର ପ୍ଲାଣ୍ଟ ଗୁଡ଼ିକ ଅଧିକ ଥଣ୍ଡା ଓ ଛାଇ କାରଣରୁ ପୋକ ଲାଗିବା ଦେଖାଯାଏ । ତେଣୁ ଏହାର ଯତ୍ନ ନେବା ଜରୁରୀ । ପାମ ଗଛକୁ ବାରମ୍ବାର କୁଣ୍ଡ ପରିବର୍ତ୍ତନ କରି ଲଗାଇବା ଆବଶ୍ୟକ । କାରଣ ଏହି ଗଛ ଯେତେ ବଡ଼ ହୁଏ ଏହାର ଚେର ମଜଭୁତ ଓ ଏହି ଚେରରୁ ଅଧିକ ଗଛ ସୃଷ୍ଟି ହୁଏ । ତେଣୁ ଏହି ଗଛକୁ ବାରମ୍ବାର ପରିବର୍ତ୍ତନ ଜରୁରୀ । ଘରକୁ ଯଦି ଫୁଲ ଓ ଗଛ ସାହାଯ୍ୟରେ ଭଲଭାବେ ସଜାଇ ଦିଅନ୍ତି ତେବେ ଘର ଭିତରେ ଶାନ୍ତି ଅନୁଭବ କରିପାରିବେ ।

*ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ,*
*ଦୂରଭାଷ : ୯୪୩୭୦୦୪୮୮୮*

# ଘରକୁ ସୁନ୍ଦର ଦିଶେ ଘରଣୀ


ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଯେତେ ବ୍ୟସ୍ତ ରହିଲେ ବି ଘରର ପ୍ରତି ସଦସ୍ୟଙ୍କ ପାଇଁ ଅତି କମ୍‌ରେ ଦଶ ମିନିଟ୍ ସମୟ ଦିଅନ୍ତୁ । ଉଦାହରଣ ସ୍ୱରୂପ ଆପଣ ଯଦି ଚାକିରି କରିଥାନ୍ତି ତା'ହେଲେ ଫେରିଲା ପରେ ଯାଆ, ନଣନ୍ଦ କିମ୍ବା ଶାଶୁଙ୍କ ସହିତ ମିଶି ଚା' ପିଇଲା ବେଳେ ଦିନ ସାରା କ'ଣ ଘଟିଲା ଅଳ୍ପରେ ଆଲୋଚନା କରନ୍ତୁ । ସବୁ ସଦସ୍ୟଙ୍କ ସମସ୍ୟା ବିଷୟରେ ଜାଣିବାକୁ ଚେଷ୍ଟା କରନ୍ତୁ । ଦେଖନ୍ତୁ ସମାଧାନ କଥା ସେତେବେଳେ ଆପଣଙ୍କ ମନକୁ ଆସିବ ଯେତେବେଳେ ଆପଣଙ୍କ ମନକୁ ଆସିବ ଆପଣ ଅନ୍ୟମାନଙ୍କ ସମସ୍ୟାକୁ ଠିକ୍ ଭାବରେ ଶୁଣିବେ ଏବଂ ବୁଝିବେ । ଶାଶୂ କିମ୍ବା ବଡ଼ ଯାଆଙ୍କୁ ନିଜ ମନ କଥା ଖୋଲି କହନ୍ତୁ । ନିଜ ସମସ୍ୟା ସେମାନଙ୍କୁ କହି ସମାଧାନର ବାଟ ସେମାନଙ୍କଠାରୁ ଆଶା କରନ୍ତୁ । ଏହାଦ୍ୱାରା ଆପଣଙ୍କ ଉପରେ ସେମାନେ କେବେ ସନ୍ଦେହ କରିବେ ନାହିଁ । ବରଂ ସେମାନେ ଏକଥା ଭାବି ଖୁସି ହେବେ ଯେ ଆପଣ ସେମାନଙ୍କୁ ନିଜର ଭାବି ସବୁକଥା ମନଖୋଲି କହି ପାରୁଛନ୍ତି । ଘରକୁ ଆପଣଙ୍କର କେହି ସାଙ୍ଗସାଥୀ କିମ୍ବା ବାପ ଘର ତରଫରୁ ବନ୍ଧୁବାନ୍ଧବ ଆସିଲେ ସାଙ୍ଗେ ସାଙ୍ଗେ ନିଜ ରୁମ୍‌କୁ ଡାକି ନିଅନ୍ତୁ ନାହିଁ । ପ୍ରଥମେ ପରିବାର ସବୁ ସଦସ୍ୟଙ୍କ ସହିତ ସେମାନଙ୍କର ଚିହ୍ନା ପରିଚୟ କରାନ୍ତୁ । ଏପରି ନକଲେ ସେମାନଙ୍କ ଦୃଷ୍ଟିରେ ଆପଣ ସ୍ୱାର୍ଥପର ପାଲଟିବେ । ବୟସ ବଢ଼ିବା ସହିତ ମିଜାଜ ମଧ୍ୟ କେମିତି ଚିଡ଼ିଚିଡ଼ା ଧରିଯାଏ । ତେଣୁ ପରିବାରର କେହି ବୟସ୍କ ବ୍ୟକ୍ତି ଆପଣଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ସାହାଯ୍ୟ ମଧ୍ୟ ନେଇ ପାରିବେ । ଅନେକ ସମୟରେ ଦେଖଯାଏ ପରିବାରର ଏମିତି କିଛି ସଦସ୍ୟ ଯେଉଁମାନେ କି ଆପଣଙ୍କୁ ଖୁବ୍ ଭଲ ପାଆନ୍ତି କିମ୍ବା ଆପଣଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ । ଏଭଳି ସଦସ୍ୟଙ୍କୁ ସବୁବେଳେ ଆଶ୍ୱାସନା ଦେବେ ଯେ, ଆପଣ ସବୁବେଳେ ସେମାନଙ୍କ ପାଖେ ପାଖେ ଅଛନ୍ତି । କାରଣ ଅସୁସ୍ଥ ହୋଇପଡ଼ିଲେ ଆପଣ କାମର ବାହାନା କରି ସେମାନଙ୍କୁ ଧରାଛୁଆଁ ଦେବେ ନାହିଁ ବୋଲି ହୁଏତ ସେମାନେ ଭାବି ପାରନ୍ତି । କିନ୍ତୁ ସେମାନଙ୍କର ସେଭଳି ଧାରଣା ଦୂରେଇବା ଆପଣଙ୍କର କର୍ତ୍ତବ୍ୟ । କିଛି କିଛି ଦାୟିତ୍ୱ ସେମାନଙ୍କୁ ଦିଅନ୍ତୁ । ଏହାଦ୍ୱାରା ସେମାନେ ଭାବିବେ ଯେ ଆପଣ ସେମାନଙ୍କୁ ଗୁରୁତ୍ୱ ଦେଉଛନ୍ତି । କଥା କଥାରେ ସେମାନେ ବ୍ୟାକ୍ ଡେଟେଡ଼୍ ବୋଲି କହି ସେମାନଙ୍କର ମୂଲ୍ୟବୋଧକୁ ଆଘାତ କରିବେ ନାହିଁ । ଏ କଥାଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ହୁଏତ ସେମାନଙ୍କ କଥା ଭୁଲ୍ ହୋଇପାରେ । କିନ୍ତୁ ଆପଣ ନିଜସ୍ୱ ଯୁକ୍ତିରେ ସେହି ଭୁଲ୍‌କୁ ପ୍ରମାଣିତ କରିବାକୁ ଯାଇ ସେମାନଙ୍କୁ ପୁରୁଣାକାଳିଆ କହି ସମାଲୋଚନା କରିବା ଆଦୌ ଠିକ୍ ନୁହେଁ । ବିଭିନ୍ନ କଥାର ଉଦାହରଣ ଦେଇ ବୁଝାଇବାକୁ ଚେଷ୍ଟା କରିବେ । ପରିବାରର କୌଣସି ସଦସ୍ୟଙ୍କ ଶରୀର ଖରାପ ହେଲେ ଆପଣ ନିଜ ଆଡୁ ଡାକ୍ତର ଦେଖାଇବାକୁ ଚେଷ୍ଟା କରନ୍ତୁ । ଏ ଘଷର ମୁଁ କ'ଣ ଏକୁଟିଆ ରହୁଛି କି ? କାହିଁକି ତାଙ୍କର ଅନ୍ୟ ପୁଅ ବୋହୂ ନାହାଁନ୍ତି କି ? ଏଭଳି ଭାବନା ମନକୁ ସଂପୂର୍ଣ୍ଣ ଭାବେ ଦୂରେଇ ଦିଅନ୍ତୁ । ଦେଖନ୍ତୁ ଅନ୍ୟମାନେ ଠିକ୍ ଭାବରେ କାମ କରୁଛନ୍ତି କି ନାହିଁ ସେକଥା ଚିନ୍ତା କରି ଲାଭ ନାହିଁ । ପ୍ରଥମେ ଆପଣ ନିଜ କର୍ତ୍ତବ୍ୟ ଠିକ୍ ଭାବେ କରୁଛନତି କି ନାହିଁ ସେକଥା ଚିନ୍ତା କରନ୍ତୁ । ଆପଣ ଯଦି ଚାକିରି କରୁଥାନ୍ତି ବା କୌଣସି ସୂତ୍ରରୁ ଆପଣ କିଛି ଅର୍ଥ ଉପାର୍ଜନ କରୁଥାଆନ୍ତି ତାହାଲେ ନିଜ ଆୟର କିଛି ଅଂଶ ପରିବାରର ଅନ୍ୟ ସଦସ୍ୟଙ୍କ ପାଇଁ ଖର୍ଚ୍ଚ କରନ୍ତୁ । ମନେ ରଖନ୍ତୁ ଆପର ଖର୍ଚ୍ଚ ନକଲେ ସେମାନେ ଆପଣଙ୍କୁ କଂଜୁସ୍ କହିବେ ନାହିଁ । କିନ୍ତୁ ଯଦି ଛୋଟ ଉଦାହାରଟି ସେମାନେ ପାଇବେ ସେମାନେ ଆପଣଙ୍କ ଉପରେ ଯେତିକି ଖୁସି ହେବେ ତାହା ହେଲା ଆପଣଙ୍କର ସବୁଠାରୁ ବଡ଼ ସଂଚୟ । କାରଣ ଯୌଥ ପରିବାରକୁ ସବୁବେଳେ ସ୍ନେହ ଓ ଖୁସିର ଡ଼ୋରିରେ ବାନ୍ଧି ହୁଏ ।

*ଶିଖରପୁର ଉପରସାହି, କଟକ,*
*ଦୂରଭାଷ : ୮୨୮୦୯୬୩୨୮୩/*
*୯୪୩୮୫୮୩୨୮୯*




# ଜୟପ୍ରକାଶ ହସ୍‌ପିଟାଲକୁ ଡିଏମ୍‌ଏଫ୍‌ରୁ ବେଆଇନ୍ ଭାବେ ଅର୍ଥ ଯୋଗାଣର ଭିଜିଲାନ୍ସ ତଦନ୍ତ ଦାବିକଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲାର ଦାଣ୍ଡିଆପାଲିଠାରେ ଅବସ୍ଥିତ ଜୟପ୍ରକାଶ ହସ୍‌ପିଟାଲ ପ୍ରତିଷ୍ଠା ଦିନଠାରୁ ବିବାଦରେ ରହିଆସିଛି । ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟ' ସମସ୍ତେ ଉକ୍ତ ହସ୍‌ପିଟାଲକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଛ଼ନ୍ତି । ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି (ଡିଏମ୍‌ଏଫ୍)ରୁ ଉକ୍ତ ହସ୍‌ପିଟାଲକୁ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଯେପରି ବିପୁଳ ଅର୍ଥ ଅଯଥାରେ ଯୋଗାଇ ଦିଆଯାଉଥିବା ପ୍ରତିବାଦ କରି ରାଉରକେଲା ଜିଲ୍ଲା କଂଗ୍ରେସ ପକ୍ଷରୁ ଏହାର ଭିଜିଲାନ୍ସ ତଦନ୍ତ କରିବା ନିମନ୍ତେ ସ୍ଥାନୀୟ ଦୁର୍ନୀତି ନିବାରଣ ଏସ୍‌ପିଙ୍କ ନିକଟରେ ଏତଲା ପ୍ରଦାନ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଗତ ଦିନରେ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଉକ୍ତ ଜୟପ୍ରକାଶ ହସ୍‌ପିଟାଲକୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୧୦୫ କୋଟି ଟଙ୍କା ଯୋଗାଇ ଦିଆଯାଇଛି । ବିଧାନସଭାରେ ମନ୍ତ୍ରୀ ଦେଇଥିବା ସୂଚନା ଅନୁସାରେ ଭୁବନେଶ୍ୱର ସ୍ଥିତ ସମ୍ ହସ୍‌ପିଟାଲକୁ କୋଭିଡ୍ ରୋଗୀଙ୍କ ପିଛା ରାଜ୍ୟ ସରକାର ୧,୨୪,୬୭୨ ଟଙ୍କା ଯୋଗାଇ ଦେଇଥିବା ବେଳେ କିମ୍‌ସ ହସ୍‌ପିଟାଲକୁ ରୋଗୀ ପିଛା ୯୮,୨୭୩ ଟଙ୍କା ଦେଇଛନ୍ତି । କିନ୍ତୁ ଜୟପ୍ରକାଶ ହସ୍‌ପିଟାଲକୁ ରୋଗୀ ପିଛା ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୫ ଲକ୍ଷ ୧୮ ହଜାର ୯୬୯ ଟଙ୍କା ଦିଆଯାଇଛି । ସମ୍ ଓ କିମ୍‌ସ ହସ୍‌ପିଟାଲର ଭିତ୍ତିଭୂମି ତଥା ଚିକିତ୍ସାର ମାନ ଜୟପ୍ରକାଶ ହସ୍‌ପିଟାଲଠାରୁ ଯଥେଷ୍ଟ ଉନ୍ନତ ହୋଇଥିବା ବେଳେ କେଉଁ ଯୁକ୍ତିରେ ଜୟପ୍ରକାଶ ହସ୍‌ପିଟାଲକୁ ରୋଗୀ ପିଛା ଏପରି ବିପୁଳ ଅର୍ଥ ଯୋଗାଇ ଦିଆଯାଇଛି ତାହା ନିହାତି ତଦନ୍ତ ସାପେକ୍ଷ । କାରଣ ଏହି ବିପୁଳ ଅର୍ଥ ଯୋଗାଣରେ କିଛି ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ ଓ ଶାସକ ଦଳର ରାଜନେତାଙ୍କ ହାତ ଚିକ୍କଣ ହୋଇଥିବାର ଗନ୍ଧ ସ୍ପଷ୍ଟ ବାରି ହେଉଛି । ତେଣୁ ଏହି ଅର୍ଥ ଯୋଗାଣ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ କରାଗଲେ ସତ୍ୟାସତ୍ୟ ଉନ୍ମୋଚନ ହେବା ସହିତ ରୋଗୀ ଚିକିତ୍ସା ନାଁରେ ହଡପ ହୋଇଥିବା ବିପୁଳ ଅର୍ଥକୁ ଉଦ୍ଧାର କରାଯାଇପାରିବ । ସେହିପରି କୋଭିଡ୍‌ର ଦ୍ୱିତୀୟ ଲହର ବେଳେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ତରଫରୁ ଉକ୍ତ ଜୟପ୍ରକାଶ ହସ୍‌ପିଟାଲରେ ୫ ଶହ ଆଇସିୟୁ ଶଯ୍ୟା ପାଇଁ ଅର୍ଥ ଯୋଗାଇ ଦିଆଯାଇଥିବାର କୁହାଯାଇଛି । ତେବେ ଉକ୍ତ ହସ୍‌ପିଟାଲରେ ବାସ୍ତବରେ କେତେ ଆଇସିୟୁ ଶଯ୍ୟା ଉପଲବ୍ଧ ତାହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀ, ରାଉରକେଲା ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ପିସିସି ସଭ୍ୟା ପ୍ରଭାତୀ ମିଶ୍ର, ଏଆଇସିସି ଓବିସି ସହସଂଯୋଜକ କୈଳାସ ଚନ୍ଦ୍ର ସାହୁ, ବିଜୟ ଆପଟ, ଭାସ୍କର ଖିଲ୍ଲାର, ସାରଦା ପ୍ରସନ୍ନ ଦାସ, ଲୀନା ଦାସ, ସିଦ୍ଧେଶ୍ୱର ମଲ୍ଲିକ, ଅଭିମନ୍ୟୁ ଦାସ, କାର୍ତ୍ତିକ ଚନ୍ଦ୍ର ବେହୁରିଆ ଉପସ୍ଥିତ ଥିଲେ ।

## ବିଜେଡି କର୍ମୀ ବିଜେପିରେ ମିଶିଲେ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ପାଟପୁର ପଂଚାୟତର ପୂର୍ବତନ ବିଜେଡି ସଭାପତି ଶରତ ସିଂ ଓ ଗଣେଶ୍ୱର ମଲିକଙ୍କ ନେତୃତ୍ୱରେ ବହୁ କର୍ମୀ ବିଜେଡି ଛାଡି ବିଜେପିରେ ଯୋଗଦେଇଛନ୍ତି । ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ଆସ୍ଥା ପ୍ରକଟ କରି ଏମାନେ ବିଜେଡି ଛାଡି ବିଜେପିରେ ଯୋଗଦେଇଛନ୍ତି । ପାଟପୁରଠାରେ ପଂଚାୟତ ବିଜେପି ସଭାପତି ନେତ୍ରାନନ୍ଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ପାଟପୁର ସରପଂଚ ସନ୍ଧ୍ୟାରାଣୀ ନାୟକ ଯୋଗଦେଇ ଦଳରେ ସାମିଲ ହୋଇଥିବା କର୍ମୀଙ୍କୁ ଦଳୀୟ ଉତରୀୟ ଦେଇ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଂଚାୟତ ବିଜେପି ଉପସଭାପତି ପ୍ରଭାତ ମହାପାତ୍ର ଓ ବରିଷ୍ଠ ବିଜେପି କର୍ମକର୍ତାମାନେ ରହି ସ୍ୱାଗତ ଜଣାଇଥିଲେ ।

# ବିଶ୍ୱ ରତୁସ୍ରାବ ପରିଚ୍ଛନ୍ନତା ଦିବସ ପାଳିତ

ମାଲକାନଗିରି,(ପି.ଏନ): ପ୍ରାଚୀନ କାଳରୁ ନାରୀ ଶିକ୍ଷା ତଥା ନାରୀର ସ୍ୱାସ୍ଥ୍ୟ ଜନିତ ଶିକ୍ଷା ଉପରେ ସମସ୍ତ ଧର୍ମୀୟ ବିଶ୍ୱାସରେ ରହିଥିବା କୁସଂସ୍କାର, ଅନ୍ଧବିଶ୍ୱାସ ଓ ଅବହେଳା ସ୍ୱାଧୀନ ଭାରତରେ ନାରୀବାଦ ଭାବେ ଉଭା ହୋଇ ଭାରତବର୍ଷରେ ପୁରୁଷତାନ୍ତ୍ରିକ ସାମାଜିକ ବ୍ୟବସ୍ଥା ଉପରେ କୁଠାରାଘାତ କରିବାରେ ସକ୍ଷମ ହୋଇପାରିଲା । ତେବେ ଆଜି ସମୟରେ ନାରୀର ସ୍ୱତନ୍ତ୍ରତାକୁ ଆଖିରେ ରଖି ଅନ୍ତର୍ଜାତୀୟ ମହିଳା ଦିବସ ଅନେକ ମାହୋଲରେ ପାଳନ କରିବାର ଦେଖିବାକୁ ମିଳୁଥିବା ସ୍ଥଳେ ମଇ ୨୮ ସାରା ଭାରତରେ ବିଶ୍ୱ ରତୁସ୍ରାବ ପରିଚ୍ଛନ୍ନତା ଦିବସ ପାଳନ ହୋଇଥିବାର ଦୃଶ୍ୟ ସାମ୍ନାକୁ ଆସିଛି ।ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ବିଜ୍ଞାପିତ ଅଂଚଳ ପରିଷଦ ବାଲିମେଳାର ସହଯୋଗ ଟିମ ଏହି ସଚେତନତା ଦିବସଟିକୁ ସର୍ବସାଧାରଣ ସ୍ଥାନରେ ପାଳନ କରିଛନ୍ତି । ବାଲିମେଳାରେ ଥିବା କଲ୍ୟାଣ ମଣ୍ଡପଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ବାଲିମେଳା ଡାକ୍ତରଖାନାର ପ୍ରମୁଖ ସେବିକା ସନ୍ଧ୍ୟାରାଣୀ ସ୍ୱାଇଁ ଉପସ୍ଥିତ ଥିଲେ । ସେ ଝିଅ ମାନଙ୍କୁ ମାସିକ ରତୁସ୍ରାବ ଓ ତାକୁ ନେଇ କିପରି ପରିଚ୍ଛନ୍ନ ରହିବାକୁ ହେବ ସେ ସମ୍ପର୍କରେ ସଚେତନ କରାଇଥିଲେ । କାର୍ଯ୍ୟକ୍ରମକୁ ଅୟୋଜନ କରାଇବାରେ ପ୍ରଚ୍ଛଦପଟ୍ଟ ଭୂମିକାରେ ରହିଥିଲେ ଅଂଚଳର ବିଶିଷ୍ଟ ସମାଜସେବୀ ଟୁକୁଲୁ ପ୍ରଧାନ, ମାଲକାନଗିରି ଘଡ଼ାଇ ମହାବିଦ୍ୟାଳୟର ଅଧ୍ୟାପକ ଶିଶିର କୁମାର ଖୋସଲା, ବାଲିମେଳାର ସମାଜସେବୀ ପି.ସରୋଜିନୀ ଚନ୍ଦ୍ରନ ଏବଂ କୁମାରୀ ସୁଧସିନୀ ମହାରଣା। ତା ସହ ଟିମର ଅନ୍ୟାନ୍ୟ ସଦସ୍ୟବୃନ୍ଦ ସୁନିତା ଗୁରୁ, ଘନଶ୍ୟାମ ବେହେରା, ରାହୁଲ ନିହାଲ, କମଳ ଲୋଚନ ଖିଲ, ପି. ଭେଙ୍କଟେଶ୍ ଆଦି ଏବଂ ୭ନଂ ୱାର୍ଡ ର ଆଶା କର୍ମୀ ଓ ଅଧିକା ସଂଖ୍ୟାରେ କିଶୋରୀ ଝିଅ ମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସମାଜସେବୀ ଶ୍ରୀମତୀ ପି.ସରୋଜିନୀ ଚନ୍ଦ୍ରନ କହିବା ମୁତାବକ, ସମାଜରେ ପୁରୁଷ, ନାରୀ ତଥା କିନ୍ନର ଲିଙ୍ଗଗତ ବିବିଧତା ସତ୍ୱେ ସାମ୍ପ୍ରତିକ ସମୟରେ ଏହି ଦିବସକୁ ସମସ୍ତ ଅନୁଷ୍ଠାନ ତରଫରୁ ପାଳନ କରାଯିବା ବେଶ୍ ପ୍ରାସଙ୍ଗିକତା ରହିଛି । ଏ ସମ୍ବନ୍ଧୀୟ ଆଲୋଚନା ଦିଗରେ କୌଣସି ବ୍ୟକ୍ତି ବିଶେଷ ସଙ୍କୋଚ ତଥା ଲଜ୍ଜାବୋଧ ନ ରଖି ଏକ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ସମସ୍ତେ ପ୍ରତିବଦ୍ଧତା ପ୍ରକଟ କରିବାର ଆବଶ୍ୟକତା ରହିଛି । ଏଣୁ ଆଗାମୀ ଦିନରେ ସରକାର ଏବଂ ପ୍ରଶାସନ ଏହି ଦିବସ ପାଳନ ଅବସରରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ନିତାନ୍ତ ବିଧେୟ ।

## ସତ୍ୟ ଓ ଅହିଂସା ନୀତି ମହାତ୍ମା ଗାନ୍ଧୀଙ୍କୁ ଅମର କରି ରଖିଛି

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ମହାତ୍ମା ଗାନ୍ଧି ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଯୁବ ସଂଗଠକ ରଣଜିତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧର୍ମଶାଳାର ପୂର୍ବତନ ବିଧାୟକ ତଥା ଖଦିବୋର୍ଡ ନିର୍ଦ୍ଦେଶକ ରବି ଲାବଣ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସତ୍ୟ ଓ ଅହିଂସା ନୀତି ମହାତ୍ମା ଗାନ୍ଧୀଙ୍କୁ ଅମର କରି ରଖିଛି ବୋଲି କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ସ୍ଥାନ ଦେବାପାଇଁ କରିଥିବା ଦାବିକୁ କେନ୍ଦ୍ର ସରକାର ତୁରନ୍ତ କାର୍ଯ୍ୟକାରୀ କରିବାକୁ ଶ୍ରୀ ଲାବଣ୍ୟ ଦାବି କରିଥିଲେ । ପ୍ରାରମ୍ଭରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଶିବପ୍ରସାଦ ସାହୁ, ଅନୁବ୍ରତ ସାହୁ, ରବୀନ୍ଦ୍ର ସାହୁ, ରାମଚନ୍ଦ୍ର ରଣା, ଚକ୍ରଧର ସାହୁ, ହେମନ୍ତ ଜେନା, ଶ୍ରୀକାନ୍ତ ବାରିକ, ଅଶୋକ ମଲ୍ଲିକ, ପ୍ରଭାତ ସାହୁ, ଜୟପ୍ରକାଶ ସାହୁ, ଜ୍ଞାନରନ ଜେନା, ରଜତ ସାହୁ, ସୁକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଉଭୟ ମହାପୁରୁଷଙ୍କ ସ୍ମୃତିଚାରଣ କରିଥିଲେ । ବିନୋଦ ବିହାରୀ ପଣ୍ଡା ଧନ୍ୟବାଦ ଦେଇଥିଲେ । ସେହିପରି ଧର୍ମଶାଳା ବ୍ଲକ କଂଗ୍ରେସ ସଭାପତି କିଶାନ ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ କାଏମାସ୍ଥିତ ଗାନ୍ଧି ମୂର୍ତିରେ ମାଲ୍ୟାର୍ପଣ କରି ଅହିଁଶାର ପୂଜାରୀ ଗାନ୍ଧିଙ୍କ ତ୍ୟାଗ ଓ ପୁର୍ବତନ ପ୍ରଧାନ ମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଦେଶ ପାଇ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏହିକାର୍ଯ୍ୟକ୍ରମରେ କୃଷକ ନେତା ବସନ୍ତ ପରିଡା, ନରୋତମ ନାୟକ, ପ୍ରଫୁଲ୍ଲ ରାୟ, ଭାଗ୍ୟଧର ମହାନ୍ତି, ପ୍ରଫୁଲ୍ଲ ମାହାଲା, ସୁଦାମ ରାଉତ, ଦେବାଶିଷ ପରିଡା ପ୍ରମୁଖ ଯୋଗଦେଇ ଗାନ୍ଧି ଓ ଶାସ୍ତ୍ରୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।

## ପାଲା ଗାୟିକାଙ୍କୁ ପଥରରେ ଛେଚି ନୃଶଂସ ହତ୍ୟା, ପୋଲିସ ତଦନ୍ତ ଜାରି

ହରିଚନ୍ଦନପୁର,(ପି.ଏନ): କେନ୍ଦୁଝର ଜିଲ୍ଲା ପଣ୍ଡାପଡା ଥାନା ଅନ୍ତର୍ଗତ ବିନିଦା ଗ୍ରାମରେ ଘଟିଛି ନାରକୀୟ କାଣ୍ଡ । ଉକ୍ତ ଗ୍ରାମର ପାଲାଗାୟିକା ସତ୍ୟଭାମା ସିଂହଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଖବର ଅନୁଯାୟୀ, ସେ ବିନିଦା ଗ୍ରାମପଂଚାୟତର ପୂର୍ବତନ ସମିତି ସଭ୍ୟା ଓ ବର୍ତମାନର ବିଜେପି ମଣ୍ଡଳ ସଭାପତି ଦାୟିତ୍ୱରେ ଥିଲେ । ସତ୍ୟଭାମାଙ୍କୁ କେହି ଦୁର୍ବୃତ ରବିବାର ବିଳମ୍ବିତ ରାତିରେ ପଥରରେ ଛେଚି ହତ୍ୟା କରିଥିବା ସନ୍ଦେହ କରାଯାଉଛି । ଖବର ପାଇ ଘଟଣାସ୍ଥଳରେ ସଦର ଏସଡିପିଓ, ସାଇଂଟିଫିକ୍ ଟିମ୍ ସହିତ ପଣ୍ଡାପଡା ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ପ୍ରକାଶ ଯେ, ସତ୍ୟଭାମା ଅଭିବାହିତ ଥିବାବେଳେ ପାଲା ଗାୟକ ଭାବେ ଜିଲ୍ଲାରେ ସୁନାମ ଅର୍ଜନ କରିଥିଲେ । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ସତ୍ୟଭାମାଙ୍କ ପାଲା ଗାୟିକା ସହଯୋଗୀଙ୍କ ସହ କିଛି ଦିନ ହେବ କଳହ ଜାରି ରହିଥିଲା । ଯାହାକୁ ନେଇ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି । ସତ୍ୟଭାମା ବିଜେପି ମଣ୍ଡଳ ଦାୟିତ୍ୱରେ ଥିବା ଯୋଗୁଁ ବିଜେପି ଟିମ୍ ପହଂଚି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛି । ଏଭଳି ଘଟଣା ନୂତନ ହୋଇଥିଲା ବେଳେ ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ମୃତଦେହ ଦେଖିବାକୁ ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଛି । ପରେ ମୃତଦେହକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଘଟଣାର ସତ୍ୟତା ଜାଣିବା ପାଇଁ ପୋଲିସ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି ।

# ଅଙ୍ଗନବାଡି ଜରିଆରେ ଶିଶୁମାନଙ୍କୁ ନିମ୍ନମାନର ଖାଦ୍ୟ ଯୋଗାଣ



ରାଉରକେଲା(ପିଏନ୍): ଅଙ୍ଗନବାଡି ଜରିଆରେ ଶିଶୁମାନଙ୍କ ପୁଷ୍ଟିହୀନତା ଦୂର ପାଇଁ ପୃଷ୍ଟିସାର ଖାଦ୍ୟ ଯୋଗାଇ ଦେଉଛନ୍ତି । ଏହି ପୁଷ୍ଟିସାର ଖାଦ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ସେଥିରୁ ଦୁର୍ଗନ୍ଧ ବାହାରୁଥିବାରୁ ଶିଶୁମାନଙ୍କ ଖାଇବା ଉପଯୋଗୀ ହେଉନାହିଁ ବୋଲି କଂଗ୍ରେସ ତରଫରୁ ଅଭିଯୋଗ କରାଯାଇ ଏ ସମ୍ପର୍କରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସିଡିପିଓଙ୍କ ନିକଟରେ ଦାବି କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଉରକେଲା ବିଧାନସଭା କ୍ଷେତ୍ରରେ ପୂର୍ବତନ କଂଗ୍ରେସ ପ୍ରାର୍ଥୀ ବିରେନ ସେନାପତି ଶିକ୍ଷାଞ୍ଚଳର ଶାନ୍ତିନଗରରେ ପରିକ୍ରମା କରୁଥିବା ବେଳେ କିଛି ସ୍ଥାନୀୟ ଲୋକ ଅଙ୍ଗନବାଡି ଜରିଆରେ ଶିଶୁମାନଙ୍କୁ ଯୋଗାଇ ଦିଆଯାଉଥିବା ଶୁଖିଲା ସୁଜି ହାଲୁଆ ତାଙ୍କୁ ଦେଖାଇଥିଲେ । ପ୍ୟାକେଟରେ ଥିବା ଏହି ସୁଜି ହାଲୁଆରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିଲା ଏବଂ ପ୍ୟାକେଟ୍ ଉପରେ ସୁଜି ହାଲୁଆ ପ୍ରସ୍ତୁତି ହେବାର ମାସକ ମଧ୍ୟରେ ବ୍ୟବହାର କରିବା ପାଇଁ ଉଲ୍ଲେଖ କରାଯାଇଥିବା ବେଳେ ପ୍ୟାକେଟ୍ ଉପରେ କିଁ ପ୍ରସ୍ତୁତିର ତାରିଖ ଉଲ୍ଲେଖ ନଥିଲା । ଏ ସମ୍ପର୍କରେ ଶ୍ରୀ ସେନାପତି ଅଙ୍ଗନବାଡିର କର୍ମୀଙ୍କୁ ଡାକି ପଚାରିବାରୁ ଏହି ସୁଜି ହାଲୁଆ ଖାଦ୍ୟ ଯୋଗାଉଥିବା ଏସ୍‌ଏଚ୍‌ଜି ଅଙ୍ଗନବାଡି କର୍ମୀଙ୍କ ଅନୁପସ୍ଥିତିରେ ଏହି ଖାଦ୍ୟ ପ୍ୟାକେଟ୍ ଆଣି ଦେଇ ଚାଲିଯାଉଛ଼ନ୍ତି ବୋଲି କହିଥିଲେ । ତେବେ ଏହି ଘଟଣାକୁ ନେଇ ଆଜି ଶ୍ରୀ ସେନାପତି, ଜିଲ୍ଲା କଂଗ୍ରେସର ଅ'ରୀଣ ସଭାପତି ଦେବବ୍ରତ ବିହାରୀ ଏବଂ ଉକ୍ତ ଅଞ୍ଚଳର କିଛି ବାସିନ୍ଦା ତଥା କଂଗ୍ରେସ କର୍ମୀ ସିଭିଲ୍ ଟାଉନସିପ୍ ସ୍ଥିତ ସିଡିପିଓଙ୍କ ନିକଟରେ ପହଞ୍ଚି ଏହି ଘଟଣାର ପ୍ରତିବାଦ କରିଥିଲେ । ଏହି ସୁଜି ହାଲୁଆ ପ୍ୟାକେଟ୍ ଉପରେ କାହିଁକି ପ୍ରସ୍ତୁତି ତାରିଖ ଉଲ୍ଲେଖ ନାହିଁ ଏବଂ ଏ ପ୍ରକାର ଦୁର୍ଗନ୍ଧଯୁକ୍ତ ଅସ୍ୱାସ୍ଥ୍ୟକର ସୁଜି ହାଲୁଆ କାହିଁକି ଛୋଟ ଛୋଟ ଶିଶୁମାନଙ୍କୁ ଖାଇବାକୁ ଦିଆଯାଉଛି ଏବଂ ଏଥିପାଇଁ କିଏ ଅନୁମତି ଦେଇଛି ତାହା ଜାଣିବାକୁ ଚାହିଁଥିଲେ । ସିଡିପିଓ କମଳା ପାତ୍ର ସୁଜି ହାଲୁଆ ପ୍ୟାକେଟ୍‌କୁ ନିରୀକ୍ଷଣ କରିବା ସହିତ ପ୍ୟାକେଟ୍‌ରେ ଥିବା ସୁଜି ହାଲୁଆର ଦୁର୍ଗନ୍ଧ ସମ୍ପର୍କରେ ଅବଗତ ହୋଇ ଏ ବାବଦରେ ଆବଶ୍ୟକୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଙ୍ଗନବାଡି ଜରିଆରେ ଶିଶୁମାନଙ୍କୁ ସୁଜି ହାଲୁଆ ଓ ଛତୁଆ ଇତ୍ୟାଦି ଯୋଗାଣର ଦାୟିତ୍ୱ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସରକାର ଦେଇଥିବା ବେଳେ ସମ୍ପୃକ୍ତ ଗୋଷ୍ଠୀମାନଙ୍କୁ ସେ ବାବଦରେ ଆବଶ୍ୟକୀୟ ଅର୍ଥ ମଧ୍ୟ ପୈଠ କରୁଛନ୍ତି । ତେବେ ଏହି ଖାଦ୍ୟ ଯୋଗାଣର ଆବଶ୍ୟକୀୟ ତଦାରଖ ହେଉନଥିବାରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମନଇଚ୍ଛା ନିମ୍ନମାନର ଖାଇବା ପାଇଁ ଅନୁପଯୁକ୍ତ ଖାଦ୍ୟ ସାମଗ୍ରୀ ଯୋଗାଣ କରି ବିପୁଳ ଅର୍ଥ ରାଶି ସରକାରଙ୍କଠାରୁ ଠକି ନେଉଥିବା କଂଗ୍ରେସ ତରଫରୁ କୁହାଯାଇଛି । ଯଦି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏ ସମ୍ପର୍କରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କର଼ନ୍ତି ତେବେ କଂଗ୍ରେସ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କୁହାଯାଇଛି । ଏହି ଅବସରରେ ଶ୍ରୀ ସେନାପତି ଓ ଶ୍ରୀ ବିହାରୀଙ୍କ ସମେତ ଜିତେନ୍ଦ୍ର ଦାସ, ସିଦ୍ଧେଶ୍ୱର ମଲ୍ଲିକ, ବୁଲୁ ଦାସ, ବିଜୟ ସାହୁ, କଳିଙ୍ଗ ସାହୁ ପ୍ରମୁଖଙ୍କ ସହ ବସ୍ତିର କେତେକ ବାସିନ୍ଦା ଉପସ୍ଥିତ ଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍ ସଂସ୍ଥା ଦ୍ୱାରା ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ଭଳି ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍‌ସ୍ ସଂସ୍ଥା ଦ୍ୱାରା ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ତା୦୨.୧୦.୨୦୨୨ରିଖ ଦିନ ରାଜ୍ୟ ଶାଖା ପରିସରରେ ରାଜ୍ୟ ମୁଖ୍ୟ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ପାଳିତ ହୋଇଅଛି। ଭୁବନେଶ୍ୱରର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୨୨୦ ଜଣ ସ୍କାଉଟ୍ ଓ ଗାଇଡ୍ ସମେତ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ସ୍କାଉଟ୍ ଗାଇଡ୍ ମାନେ ଗାନ୍ଧୀଜୀଙ୍କର ସ୍ମୃତି ଉଦ୍ଦେଶ୍ୟରେ ସହର ପରିକ୍ରମା କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଉତ୍ତରାଧିକାରୀ ଅନୁଷ୍ଠାନର ଶ୍ରୀ ଶିବନାରାୟଣ ମିଶ୍ର, ଶ୍ରୀ ମନୋଜ ଜେନା (ଗାନ୍ଧୀ ଗ୍ଲୋବାଲ ଫାଉଣ୍ଡେସନ୍, ନିଉ ଦିଲ୍ଲୀ), ଡଃ. ଭଗବାନ ପ୍ରକାଶ, ଶ୍ରୀ ପ୍ରମେଶ କୁମାର ମହାନ୍ତି, ଶ୍ରୀ ଭବାନନ୍ଦ ଦାସ, ଶ୍ରୀ ପ୍ରସନ୍ନ ବିଶୋଇ ଇତ୍ୟାଦି ଅତିଥିମାନେ ଯୋଗଦାନ କରି ଗାନ୍ଧୀଙ୍କ ବିଷୟରେ ବିଭିନ୍ନ ମତ ରଖି ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପ୍ରେରଣା ସୃଷ୍ଟି କରିଥିଲେ। ଗାନ୍ଧୀ ଓ ଶାସ୍ତ୍ରୀଙ୍କର ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ସବେତ ଭାବରେ ଗାନ୍ଧିଜୀଙ୍କର ପ୍ରିୟ ଭଜନ "ରାମଧୂନ୍" ଗାନ କରିଥିଲେ। ଗାନ୍ଧିଜୀ ଏବଂ ଶାସ୍ତ୍ରୀଜୀଙ୍କର ସ୍ମୃତିଚାରଣ ପରେ କିଛି ସମୟ ପାଇଁ ମୌନବ୍ରତ ପାଳନ କରିଥିଲେ। ସ୍ୱାଧୀନତା ପ୍ରାପ୍ତି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଶହୀଦ ସ୍ତମ୍ଭ ଠାରେ ସ୍କାଉଟ୍ ଗାଇଡ୍ ମାନେ ସମ୍ମାନ ରୂପକ ସାଲ୍ୟୁଟ୍ ପ୍ରଦାନ କରିଥିଲେ। ଗାନ୍ଧୀଜୀଙ୍କ ସ୍ମୃତି ଉପରେ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇ ବିଜେତାମାନଙ୍କୁ ପ୍ରମାଣପତ୍ର ଏବଂ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ରାଜ୍ୟ ଯୁଗ୍ମ ସଂପାଦକ ଶ୍ରୀ ମିହିର ରଂଜନ ପଟ୍ଟନାୟକଙ୍କ ନେତୃତ୍ୱ ଏବଂ ସ୍କାଉଟ୍ ଗାଇଡ୍‌ର ସମସ୍ତ କର୍ମକର୍ତ୍ତାଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମଟି ସଫଳତା ହୋଇପାରିଥିଲା। ପରିଶେଷରେ ଶ୍ରୀ ଚନ୍ଦନ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷୀରଚୋରା ମନ୍ଦିରରେ ପାଳିତ ହେଲା ନବମାତୃକା ପୂଜା



ବାଲେଶ୍ୱର (ପିଏନ୍)-ପବିତ୍ର ଶାରଦୀୟ ପାର୍ବଣ ଉତ୍ସବରେ ସାରା ଭାରତରେ ଦୁର୍ଗତୀନାଶିନୀ ମା ଦୁର୍ଗାଙ୍କ ପୂଜାର୍ଚ୍ଚନା ଓ ଆରାଧନା ବହୁ ଧୁମଧାମରେ ପାଳିତ ହୋଇଥିବା ବେଳେ ରେମୁଣା ନବମାତୃକା ପୂଜା କମିଟି ଏକ ଅଭିନବ ଶୈଳୀରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ରେମୁଣା ବିଜ୍ଞାପିତ ଅଚଂଳର ଗରିୟସୀ, ମହିୟସୀ ନଅଜଣ ମାଆଙ୍କୁ ଶାରଦୀୟ ମହାନବମୀ ତିଥିରେ ଗୁପ୍ତ ବୃନ୍ଦାବନ କ୍ଷୀରଚୋରା ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଭାବ, ଭକ୍ତି ଓ ଆବେଗମୟ ପରିବେଶରେ ପୂଜାର୍ଚ୍ଚନା କରାଯାଇଛି । ପ୍ରତିକୂଳ ପରିବେଶ ସତ୍ୱେ ମାଆମାନଙ୍କୁ ପୂଜା କଲା ବେଳେ ପୂଜିତ ମାଆ, ବରେଣ୍ୟ ଅତିଥି, ପୂଜକ ତଥା ଉପସ୍ଥିତ ସମସ୍ତେ ଭାବମୟ ହୋଇ ଆଖି ଛଳଛଳ ହୋଇ ଯାଇଥିଲା । କେତେଜଣ ଅତିଥିଙ୍କ ବକ୍ତବ୍ୟ ପ୍ରଦାନ ବେଳେ ବାକ୍‌ରୁଦ୍ଧ ହୋଇଯାଇଥିବାବେଳେ ଅନେକଙ୍କ ଆଖିରୁ ଲୁହ ଝରି ପଡିଥିଲା । ପରିବେଶଟି ମାଆମୟ ହୋଇ ଯାଇଥିଲା । ମାଆ ଓ ଅତିଥିମାନଙ୍କୁ ଶଂଖ, ହୁଳହୁଳି ଓ ଖୋଳ କରତାଳି ବଜାଇ ସଂକୀର୍ତନ କରି ପୂଜାବେଦୀକୁ ପାଛୋଟି ନିଆଯାଇଥିଲା । ବିକର୍ତନ ନାୟକ ଓ ସତ୍ୟଭାମା ମୁଦୁଲି ମାତୃବନ୍ଦନା ଗାଇ ସମସ୍ତଙ୍କ ମନମୁଗ୍ଧ କରିଥିଲେ । ଲକ୍ଷ୍ମୀ ବେହେରାଙ୍କୁ ସେବାମୟୀ ମାଆ, ରତ୍ନମଣି ରଣାଙ୍କୁ କାରିଗରୀ ମାଆ, ବାୟାଣୀ ଦାସଙ୍କୁ ଚାଷୀ ମାଆ, ଲକ୍ଷ୍ମୀ ଦଳେଇଙ୍କୁ ଧାଈ ମାଆ, ସରୋଜିନୀ ମହାରଣାଙ୍କୁ ଶିକ୍ଷାଦାୟିନୀ ମାଆ, ରଙ୍ଗଲତା ବେହେରାଙ୍କୁ ପ୍ରେରଣାମୟୀ ମାଆ, ଶାନ୍ତିଲତା ସାମନ୍ତରାୟଙ୍କୁ ସ୍ନେହମୟୀ ମାଆ, ରମଣୀ ମହାପାତ୍ରଙ୍କୁ କବୟତ୍ରୀ ମାଆ ଭାବରେ ପୂଜା କରା ଯାଇଥିବା ବେଳେ ବରେଣ୍ୟ ଅତିଥି ସରୋଜ କୁମାର ବେହେରା, ମମତା ମହାପାତ. ମନୋଜ କୁମାର ପାଢ଼ୀ, ମନୋଜା ମଞ୍ଜରୀ ଦେବୀ, ତନୁଜା ଗିରି, ରାଜେନ୍ଦ୍ର କୁମାର ରାଉତ, ନୀଲୁ ମହାପାତ୍ର ଓ ସୁଧାଂଶୁଶେଖର ପରିଡ଼ାଙ୍କୁ ମାଆମାନେ ଫୁଲ ଗଛ ଓ ଉପଢୌକନ ପ୍ରଦାନ କରି କରିଥିବା ବେଳେ କମିଟିର ସକ୍ରିୟ ସଦସ୍ୟ ସଦସ୍ୟା ସୁନାମଣୀ ଜେନା, ଇପ୍ସିତା ସ୍ୱାଇଁ, ପଦ୍ମଲୋଚନ ପ୍ରଧାନ, ପ୍ରଭାକର ସାହୁ, ସତ୍ୟଭାମା ମୁଦୁଲି, ଗୋପବନ୍ଧୁ ଗିରି, ବିଜୟ ସେଠୀ, ଦୁଷ୍ମନ୍ତ କୁମାର ଦାସ ପ୍ରମୁଖ ଅତିଥି ଗଣଙ୍କୁ ପରିଚୟ ପ୍ରଦାନ କରିଥିଲେ । ଏହି ଅଭିନବ ସଂସ୍କାରଧର୍ମୀ ନବମାତୃକା ପୂଜାରେ କମିଟିର ସଭାପତି ଡ. ଭାଗବତ ପ୍ରସାଦ ଦାସ ସଭାପତିତ୍ୱ କରିଥିବା ବେଳେ ଆବାହକ ଶିଳ୍ପୀ କେଶୁ ଦାସ ପ୍ରାକ୍ ସୂଚନା ଓ ଅଭିମୁଖ୍ୟ ରଖିଥିଲେ। ସଂପାଦକ ଇଂ ବିଜୟ କୁମାର ସେଠୀ ଚଳିତ ବର୍ଷ କାର୍ଯ୍ୟକ୍ରମର ରୂପରେଖ ପ୍ରଦାନ କରିଥବା ବେଳେ ଗିରୀଶ ଚନ୍ଦ୍ର ଷଡ଼ଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ପୋଷ୍ଟାଲ କର୍ମଚାରୀଙ୍କ ଦିନକିଆ ପ୍ରତିବାଦ ଆନ୍ଦୋଳନ

କେନ୍ଦୁଝର(ପିଏନ)-କେନ୍ଦ୍ର ମିଳିତ କ୍ରିୟାନୁଷ୍ଠାନ ଡାକ କର୍ମଚାରୀ ସଂଘ ଆହ୍ୱାନ କ୍ରମେ ସାରା ଦେଶରେ କେନ୍ଦ୍ର ସରକାରଙ୍କ କର୍ମଚାରୀ ମାରଣ ନୀତି ବିରୋଧରେ କେନ୍ଦୁଝରଗଡ ମୁଖ୍ୟ ଡାକଘରେ ଏକ ଦିନିକିଆ ପ୍ରତିବାଦାତ୍ମକ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି । ସଂପ୍ରତି ସମସ୍ତ କେନ୍ଦ୍ରିୟ କର୍ମଚାରୀଙ୍କୁ ବୋନସ୍ ପ୍ରଦାନ ଆଇନ୍ ୧୯୭୮ ମସିହା ଠାରୁ ପ୍ରଚଳନ କରାଯାଅଛି । କିନ୍ତୁ ଚଳିତ ବର୍ଷ କରୋନାର ଆଳ ଦେଖାଇ କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭ । ତଥା ବୋନସ୍ ଇତ୍ୟାଦି ବ ମାନ ସୁଦ୍ଧା କର୍ମଚାରୀଙ୍କୁ ପ୍ରଦାନ କରାଗଲା ନାହିଁ । ହଜାର ହଜାର କୋଟି ଟଙ୍କା ସୌନ୍ଦର୍ଯ୍ୟକରଣ ଓ ଗସ୍ତ ଖର୍ଚ୍ଚ ଇତ୍ୟାଦିରେ ଅପବ୍ୟୟ ହେଉଥିଲେ ମଧ୍ୟ କେନ୍ଦ୍ର କର୍ମଚାରୀଙ୍କ ହକ୍ ଦାବି ପ୍ରତି ସରକାରଙ୍କ ଉଦାସିନତା ଯୋଗୁଁ କେନ୍ଦ୍ର କର୍ମଚାରୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏହାର ପ୍ରତିବାଦ ସ୍ୱରୂପ କେନ୍ଦୁଝର ଡାକଘରେ ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସମ୍ପାଦକ ଅମୂଲ୍ୟ ମିଶ୍ର, ଜିଲ୍ଲା ପୋଷ୍ଟମ୍ୟାନ୍ ସମ୍ପାଦ ତ୍ରିଲୋଚନ ମହାନ୍ତ, ଜିଲ୍ଲା ଗ୍ରାମୀଣ ଡାକ ସେବକ ସମ୍ପାଦକ ସଞ୍ଜୟ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଗ୍ରାମୀଣ ଡାକ ସେବକ, ପୋଷ୍ଟାଲ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତିବାଦ ସଭାରେ ପୂର୍ବତନ ରାଜ୍ୟ ସର୍କଲ ସମ୍ପାଦକ ନିର୍ମଳ ସିଂ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଜିଲ୍ଲା ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସମ୍ପାଦକ ଅମୂଲ୍ୟ ମିଶ୍ର ତାଙ୍କ ଅଭିଭାଷଣରେ କହିଥିଲେ ଯେ ଇତିହାସର ପ୍ରଥମଥରପାଇଁ କେନ୍ଦ୍ର ସରକାର କର୍ମଚାରୀଙ୍କୁ ଶୋଷଣ କରିବାରେ ସଂକଳ୍ପ ନେଇଛନ୍ତି । ତେଣୁ କେନ୍ଦ୍ର ସରକାରଙ୍କ ଏତାଦୃଶ ଅନ୍ୟାୟ ଆଦେଶ ପାଇଁ କର୍ମଚାରୀମାନେ ଏହାର ଘୋର ବିରୋଧ କରିବା ବ୍ୟତୀତ ଅନ୍ୟ ବିକଳ୍ପ କିଛିନାହିଁ । ଗ୍ରାମୀଣ ଡାକ ସେବକ ଜିଲ୍ଲା ସମ୍ପାଦକ ସଞ୍ଜୟ ପଣ୍ଡା ଗ୍ରାମୀଣ ଡାକ ସେବକଙ୍କ ବହୁବିଦ୍ଧ ସମସ୍ୟା ସମନ୍ଧେ ଦୃଷ୍ଟି ଆକର୍ଷଣ କରିଥିଲେ । ସେମାନେ ଡାକ ବିଭାଗର ମେରୁଦଣ୍ଡ ହୋଇଥିଲେ ହେଁ ସବୁଠାରୁ ଅବହେଳିତ ଅବସ୍ଥାରେ ଅଛନ୍ତି । ସାମାନ୍ୟ କେଇଟଙ୍କା ଦରମାରେ ବ ମାନର ଏକ ନିଅ ିଆ ସମୟରେ ପରିବାର ପ୍ରତିପୋଷଣ ଯେ କେତେ କଷ୍ଟ ସେକଥା ଅବର୍ଣ୍ଣନୀୟ ବୋଲି କହିଥିଲେ । ଗ୍ରାମୀଣ ଡାକ ସେବକଙ୍କ ଅବସର ପରେ ଟଙ୍କାଟିଏ ମଧ୍ୟ ପେନ୍‌ସନ୍ ବ୍ୟବସ୍ଥା ନାହିଁ । ସାରା ଜୀବନ ଯେଉଁ ବିଭାଗ ପାଇଁ କଷ୍ଟ ସ୍ୱୀକାର କରିଛନ୍ତି ଅବସର ପରେ ସେମାନେ ନିକୃଷ୍ଟତମ ବୃ ି ମଧ୍ୟ ଆଦରି ନେବାର ଦୃଷ୍ଟାନ୍ତ ରହିଛି । ସାରା ବିଶ୍ୱରେ ଏ ପ୍ରକାର ବ୍ୟବସ୍ଥା କେଉଁଠାରେ ମଧ୍ୟ ଦେଖାଯାଇ ନାହିଁ ବୋଲି ମଧ୍ୟ ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ । ସରକାର ସହାନୁଭୂତିଶୀଳ ହୋଇ ତୁରନ୍ତ ଏମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା କରାଯିବାକୁ ଦାବି କରିଥିଲେ ତଥା ମହଙ୍ଗା ଭ । ଓ ବୋନସ୍ ଅବିଳମ୍ବେ ପ୍ରଦାନ କରାଯିବାକୁ ଦାବି ରଖିଲେ । ନିଜର ହକ୍ ହାସଲ ପାଇଁ ସଙ୍ଗବଦ୍ଧ ଭାବେ ସମସ୍ତ କର୍ମଚାରୀ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ । କର୍ମଚାରୀଙ୍କ ହକ୍ ଦାବି ପ୍ରତି ସରକାର କାଳକ୍ଷେପଣ ନୀତି ପ୍ରୟୋଗ କଲେ ଆଗାମୀ କାଳି ସଂଗ୍ରାମ ତୀବ୍ରତର ହେବ ବୋଲି ଚେତାବନୀ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପରମାନନ୍ଦ ଦାସ, ଲକ୍ଷ୍ମଣ ମହାପାତ୍ର, ବିଦ୍ୟାଧର ସିଂ, କବିତା ମହାନ୍ତ, ପୁଷ୍ପଲତା ମହାନ୍ତ, ସନାତନ ସାହୁ, ବିଦ୍ୟାଧର ଦେହୁରୀ, ମହେନ୍ଦ୍ର ମହାନ୍ତ, ତ୍ରିନାଥ ରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ବୋନସ ଦାବି ନେଇ ଠିକା ଶ୍ରମିକମାନେ ବିଚାକୁଣ୍ଡି ଟାଟା ଷ୍ଟିଲ କାର୍ଯ୍ୟାଳୟ ଘେରାଉ



ଯୋଡା,(ପିଏନ)- ବର୍ଦ୍ଧିତ ହାରରେ ବୋନସ ଦାବି କରି ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଟାଟା ଷ୍ଟିଲ୍ ଫେରୋ ଆଲଏଜ ମାଙ୍ଗାନିଜ ଡିଭିଜନ ପରିଚାଳନାଧିନ ବିଚାକୁଣ୍ଡି ଓ ଖଣ୍ଡବନ୍ଧ ମାଙ୍ଗାନିଜ ଖଣିରେ ଅନୁବନ୍ଧିତ କରୋନେସନ ଇଣ୍ଡିଆ ପ୍ରାଇଭେଟ୍ ଲିଃ (ସିଆଇପିଏଲ) ନାମକ ଜୈନିକ ଖଣି ଠିକା ସଂସ୍ଥାରେ କାମ କରୁଥିବା ଶତାଧିକ ଠିକା ଶ୍ରମିକ ଗତକାଲି ଠାରୁ ବିଚାକୁଣ୍ଡି ମାଙ୍ଗାନିଜ ଖଣିର ଟାଟା ଷ୍ଟିଲ କାର୍ଯ୍ୟଳୟକୁ ଘେରାଉ କରିଥିବାର ଖବର ମିଳିଛି । ଶାନ୍ତି ଶୃଙ୍ଖଳା ନିମନ୍ତେ ଯୋଡା ପୁଲିସ ଘଟଣା ସ୍ଥଳରେ ନିୟୋଜିତ ରହିଥିବାର ସୂଚନାରୁ ପ୍ରକାଶ । ଅନ୍ୟପକ୍ଷେ ସମାନ କାରଣରୁ ସିଆଇପିଏଲ ଅଧିନରେ ଖଣ୍ଡବନ୍ଧ ମାଙ୍ଗାନିଜ ଖଣିରେ କାର୍ଯ୍ୟରତ ଶତାଧିକ ଠିକା ଶ୍ରମିକ ଗତ ୮ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ଥିବାର ଖବର ମିଳିଛି । ନିୟମ ମୁତାବକ ସିଆଇପିଏଲ ଉଭୟ ଖଣି ନିମନ୍ତେ ୮.୩୩ ଶତକଡା ବୋନସ ଘୋଷଣା ପରେ ଠିକା ଶ୍ରମିକଙ୍କ ପକ୍ଷରୁ ଅଧିକ ବୋନସ ଦାବିରେ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବାର ଖବର ମିଳିଛି । ତେବେ ୨୦୧୯ ରେ ବିଚାକୁଣ୍ଡି ଖଣି ଠିକା ଶ୍ରମିକ ୧୨ ଶତକଡାରୁ ଉର୍ଦ୍ଧ୍ୱ ରାଶି ପୂଜା ବୋନସ ଆକାରରେ ପାଇଥିବା ବେଳେ ୨୦୨୦ ଚଳିତ ବର୍ଷ ମହାମାରୀ କରୋନାକୁ ନେଇ ଆର୍ଥିକ ସ୍ଥିତି ଉଜାଡି ଯାଇଥିବା ହେତୁ କମ୍ପାନୀ କ୍ଷତି ସହୁଥିବାରୁ ବନୋସ ହାର ୮.୩୩ ଶତକଡା ଘୋଷଣା କରିଥିଲେ । ଏହାର ବିରୋଧ କରି ଶ୍ରମିକ ମାନେ ଟାଟା ଷ୍ଟିଲ ଅଫିସ ଘେରାଉ କରିବା ପରେ ଉକ୍ତ ଠିକାଦାର ୧୦.୫ ଶତକଡା ବଢାଇଥିଲେ ମଧ୍ୟ ଖଣ୍ଡବନ୍ଧ ଖଣି ଠିକା ଶ୍ରମିକ ୧୫ ଶତକଡା ପୂଜା ବୋନସ ପାଇଁ ଜିଦର ଅଟଳ ରହିଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ,୨୦୧୮ ଅଗଷ୍ଟ ମାସରୁ ସିଆଇପିଏଲ ସଂସ୍ଥା ସମ୍ପୃକ୍ତ ଖଣି ଦ୍ୱୟରେ ମାଙ୍ଗାନିଜ ଖନନ,ଉ ।ଳନ,ପରିବହନ ଓ ପ୍ରକ୍ରିୟାକରଣ ନିମନ୍ତେ ନିୟୋଜିତ ହୋଇ ସେପ୍ଟେମ୍ବର ମାସରୁ କାର୍ଯ୍ୟ ଆରମ୍ଭ କରିଥିଲେ । ଅପରପକ୍ଷେ ପ୍ରନ୍ସିପାଲ ଏମ୍ପ୍ଲୟର ଟାଟା ଫେରୋ ଆଲଏଜ ମାଙ୍ଗାନିଜ ଡିଭିଜନ ସହ ଚୁକ୍ତିନାମା ମୁତାବକ ଓ ନିୟମ ଅନୁଯାୟୀ ବିଗତ ଆର୍ଥିକ ବର୍ଷର ସେପ୍ଟେମ୍ବର ରୁ ମାର୍ଚ୍ଚ ସାତ ମାସ ନିମନ୍ତେ ୧୦.୫ ଶତକଡା ବୋନସ ଧାର୍ଯ୍ୟ ଘଟଣାକୁ ନ୍ୟାଯ୍ୟ ବୋଲି କହିବା ସହ କମ୍ପାନୀର ଅନ୍ୟ ଭେଣ୍ଡର ସମୂହ ସମାନ ବୋନସ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିବାର ସିଆଇପିଏଲ ପକ୍ଷରୁ ଏହାର ମହାପ୍ରବନ୍ଧକ ଅନୁଭବ ଦ ନିଜ ଜିଦରେ ଅଟଳ ଥିବାର ଖବର ମିଳିଛି । ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ଖଣି ଠିକା ସଂସ୍ଥା ଓ ଠିକା ଶ୍ରମିକଙ୍କ ମଧ୍ୟରେ କୌଣସି ପ୍ରକାର ସହମତି ପ୍ରକାଶ ପାଇନଥିବାରୁ ଘଟଣା ସ୍ଥଳରେ ଚପା ଉ ଜନା ଲାଗି ରହିଥିବା ସହ ଦାବି ପୂରଣ ନ ହେଲେ ଗତକାଲି ଠାରୁ ଖଡବନ୍ଧ ଖଣିକୁ ଶ୍ରମିକମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଚେତାବୀ ଦେଇଥିବା ଖବର ମିଳିଛି ।

## ମହିଳାଙ୍କୁ ହତ୍ୟା ଘଟଣାରେ ପୋଲିସର ଉଦାସୀନତା ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

### କ୍ରାଇମବ୍ରାଂଚ ତଦନ୍ତ ଦାବି କଲା ପରିବାର




କେନ୍ଦ୍ରାପଡା, (ପିଏନ)-ଅଧିକ ଯୌତୁକ ଦାବିକରି ମହିଳାଙ୍କୁ ନିର୍ଯ୍ୟାତନା ଦେଇ ହତ୍ୟା କରିଥିବା ଘଟଣାରେ ପୋଲିସର ଉଦାସୀନତା ପ୍ରତିବାଦରେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ମୃତ ମହିଳାଙ୍କ ପରିବାର ଲୋକେ । ଅଭିଯୋଗ ଅନୁଯାଇ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଜରିଆବାଡ ଗ୍ରାମର ବୁଲାକର ମଳିକଙ୍କ ପୁଅ ନାରାୟଣ ମଳିକ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଭଉଣୀ ସସ୍ମିତା ମଳିକ ଗତ ୧୪ବର୍ଷ ତଳେ ସଦର ଥାନା ଅନ୍ତର୍ଗତ ଗରାପୁର ଗ୍ରାମର ବାଇଧର ମଳିକଙ୍କୁ ବିବାହ କରିଥିଲେ । ବିବାହର କିଛିଦିନ ପରେ ଉଭୟ ସସ୍ମିତା ଓ ବାଇଧରଙ୍କ ମଧ୍ୟରେ ପାଟିଗୋଳ ଆରମ୍ଭ ହୋଇଥିଲା । କାରଣ ବାଇଧର ଅନ୍ୟଏକ ଝିଅକୁ ଭଲପାଉଥିଲା । ଏହି ପାଟିଗୋଳ ହେବା ପରେ ତାଙ୍କ ଭଉଣୀ ବାପଘରକୁ ଚାଲିଯାଏ । ଶାଶୁଘର ଲୋକେ କିଛିଦିନ ପରେ ଯାଇ ସସ୍ମିତାକୁ ବୁଝାଶୁଝା କରି ନେଇଆସିଥାନ୍ତି । ଏଭଳି ବାରମ୍ବାର ହୋଇଥାଏ । ତାଙ୍କ ଭଉଣୀର ଶାଶୁ ଭାରତୀ ମଳିକ,ଦିଅର ଧକି,ଯାଆ ପୁଷ୍ପା,ମାମୁଁ ଆଦିକନ୍ଦ ପ୍ରମୁଖ ମିଶି ତାଙ୍କ ଭଉଣୀ ସସ୍ମିତାକୁ ଅଧିକ ଯୌତୁକ ଦାବୀକରି ସସ୍ମିତାକୁ ମାନସୀକ,ଶାରୀରିକ ନିର୍ଯ୍ୟାତନା ଦେଉଥିବା ସମ୍ପର୍କରେ ତାଙ୍କ ଭଉଣୀ ପୂର୍ବରୁ ଜଣାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଶେଷରେ ତାଙ୍କ ଭଉଣୀକୁ ସମସ୍ତେ ମିଶି ମାରିଦେଇଥିବା ମଧ୍ୟ ସେ ସଦର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭି ିକରି ସଦର ଥାନା ପୋଲିସ ୨୩୭/ ୨୦୨୦ରେ ଆଇପିସିର ଧାରା ୪୯୮(କ),୩୦୨,୩୪ଦଫାରେ ଏବଂ ଯୌତୁକ ନିରୋଧ ଆଇନ ୪ ଅନୁଯାଇ ଏକ ମାମଲା ରୁଜୁକରିଛନ୍ତି । ସଦର ଥାନା ପୋଲିସ ମୃତକର ସ୍ୱାମୀ ବାଇଧର ମଳିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ମଧ୍ୟ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ନକରିବା ଏବଂ ବିବାହ ସମୟରେ ଝିଅ ସସ୍ମିତାକୁ ଦିଆଯାଇଥିବା ସମସ୍ତ ଜିନିଷ ନଫେରାଇବା ଘଟଣା ଏବଂ ହତ୍ୟାକୁ ଆତ୍ମହତ୍ୟାର ରୂପ ଦେବାକୁ ପୋଲିସ ଉଦ୍ୟମ କରୁଥିବା ଘଟଣା ପୋଲିସର ନୀରପେକ୍ଷତା ଉପରେ ସନ୍ଦେହ ପ୍ରକାଶ କରି ପରିବାର ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଏଥିସହିତ ଏହି ହତ୍ୟା ଘଟଣାର କ୍ରାଇମବ୍ରାଂଚ ତଦନ୍ତ କରାଯିବାକୁ ପରିବାର ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପରିବାର ପକ୍ଷରୁ ନାରାୟଣ ମଳିକ, ଶୁକାନ୍ତି ମଳିକ, ବିନିତା ମଳିକ, ସୁଷମା ମଳିକ, ରଚନା ମଳିକ ପ୍ରମୁଖ ଦେଇଛନ୍ତି ।

## ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ୍ୟ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ୍ୟ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସୃତି ଦେଇଛନ୍ତିମ ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Wednesday May 31, 2023 ଭୁବନେଶ୍ୱର ବୁଧବାର, ମଇ ୩୧,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ବିଶ୍ୱ ପରିବେଶ ଦିବସ ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର ପକ୍ଷରୁ ବେଳାଭୂମି ସଫେଇ କାର୍ଯ୍ୟକ୍ରମ



ପାରାଦୀପ,(ପି.ଏନ): ବିଶ୍ୱ ପରିବେଶ ଦିବସ ପ୍ରତିବର୍ଷ ୫ ଜୁନ୍ ରେ ପାଳନ କରାଯାଇଥାଏ ଏବଂ ପରିବେଶର ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକୁ ଉତ୍ସାହିତ କରାଯାଇଥାଏ କ୍ଷ ଏହି ଦିନକୁ ସ୍ମରଣୀୟ କରିବା ପାଇଁ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ତାର ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛି । ଆଜି ଅପରାହ୍ନରେ ବନ୍ଦର ମୁଖ୍ୟଯନ୍ତ୍ରୀ ଏଚ୍.ଏସ.ରାଉତ ଙ୍କ ନେତୃତ୍ୱରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସ୍ଥାନୀୟ ସମୁଦ୍ରକୂଳ ବେଳାଭୂମି ରେ ଏକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ସ୍ୱଚ୍ଛ ସାଗର ଓ ସୁରକ୍ଷିତ ସାଗର ଏକ ଅଂଶବିଶେଷ କ୍ଷ ବିଶ୍ୱ ପରିବେଶ ଦିବସ ୨୦୨୩ ପରିପ୍ରେକ୍ଷୀରେ ଆଗାମୀ ଦିନରେ ପାରାଦୀପ ବନ୍ଦର ସପ୍ତାହ ବ୍ୟାପି ସାଇକେଲ ଶୋଭାଯାତ୍ରା, ବୃକ୍ଷରୋପଣ ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜିତ କରିବାର ଖବର ମିଳିଛି ।

## ଗୋପାଳ ପୁରରେ ଖୋଲିଲା ନୂଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ରଣପୁର,(ପି.ଏନ): ରଣପୁର ବ୍ଲକ ଗୋପାଳ ପୁର ପୋଷ୍ଟ ଅଫିସ୍ ନିକଟରେ ୧୯୯୯ ମସିହା ରୁ ଆଦର୍ଶ ବିଦ୍ୟା ମନ୍ଦିର ନାମ ରେ ପ୍ରାଇଭେଟ ସ୍କୁଲ୍ ଥିଲା । ଶିକ୍ଷାର ଗୁଣାତ୍ମକ ମୂଲ୍ୟ ବୃଦ୍ଧି ପାଇଁ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ସହିତ ଅନୁବନ୍ଧିତ କରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଖୋଲିଲା । ପିଲା ମାନଙ୍କର ବୌଦ୍ଧିକ ବିକାଶ । ସଂସ୍କୃତି ସଂସ୍କାର ର ଶିକ୍ଷା ପାଇଁ ଅଭିଭାବକଙ୍କ ଓ ଅଞ୍ଚଳରେ ବେଶ୍ ପ୍ରଶଂସନୀୟ ହେଉଛି । ଏହି ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟା ଅନୁପମା ଦାଶ ,ପରିଚାଳନା ସଭାପତି ଭରତ ସାହୁ ଓ ଟ୍ରଷ୍ଟି ବା ସମ୍ପାଦକ ବାଳକୃଷ୍ଣ ଷଡଙ୍ଗୀ ରାଜ୍ୟ କାର୍ଯ୍ୟକର୍ତ୍ତା ଶିକ୍ଷା ବିକାଶ ସଂସ୍ଥାନ କୁ ଧନ୍ୟବାଦ ଜଣାଇ ଛନ୍ତି ।

## ଇନ୍ଦୀରା ଗାନ୍ଧୀ ଓ ଗାନ୍ଧୀ ପରିବାର ବିରୋଧରେ ମିଥ୍ୟା ଖବର ପ୍ରସାରଣ ପାଇଁ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଏତଲା ଦରଜ



ଭୁବନେଶ୍ୱର ,(ପି.ଏନ) : ଓଡ଼ିଶା ଭାସ୍କର ନାମକ ଏକ ଓ୍ୱେବ ପୋର୍ଟାଲ ଭାରତ ରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ମିଥ୍ୟା ଏବଂ ଚରିତ୍ର ସଂହାର ଖବର ପ୍ରସାରଣ କରିଥିବାରୁ ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ଶ୍ରୀ ବିଶ୍ୱଜିତ ଦାସ ଙ୍କ ନିତୃତ୍ୱରେ କ୍ୟାପିଟାଲ ଥାନାରେ ଏକ ଏତଲା ଦରଜ କରାଯାଇଥିଲା । ଜିଲ୍ଲା କଂଗ୍ରେସ ପକ୍ଷରୁ ଏହି ପୋର୍ଟାଲର ମାଲିକ ମଧୁ ମହାନ୍ତି, ଓ୍ୱେବ ପୋର୍ଟାଲର ସମ୍ପାଦକ, ୟୁଟୁବ୍ ଏବଂ ଫେସବୁକ୍ ବିରୋଧରେ ଏତଲା ଦାଖଲ କରାଯାଇଛି । ଏହି ପୋର୍ଟାଲ ଇନ୍ଦିରା ଗାନ୍ଧୀ, ଇନ୍ଦିରା ଗାନ୍ଧୀଙ୍କ ମା କମଳା ନେହେରୁ, ଜବାହାରଲାଲ ନେହୁରୁ ଏବଂ ଇନ୍ଦିରା ଗାନ୍ଧୀଙ୍କ ପୁଅ ସୟ ଗାନ୍ଧୀଙ୍କ ବିରୋଧରେ ଯେଉଁଭଳି ନିନ୍ଦନୀୟ ଏବଂ ଅଶ୍ଳୀଳ ଖବର ପ୍ରସାରଣ କରିଛି, ତାହା ସାଧାରଣ ଜନତାଙ୍କ ମନରେ ଆଘାତ ଦେଇଛି । ଏପରିକି ଜାତୀର ଜନକ ମହାତ୍ମାଗାନ୍ଧୀଙ୍କୁ ମଧ୍ୟ ଏହି ପୋର୍ଟାଲରେ ଅପମାନିତ କରାଯାଇଛି । ଅନ୍ୟପକ୍ଷରେ ମୁସଲମାନ ସଂପ୍ରଦାୟକୁ ମଧ୍ୟ ଆକ୍ଷେପ କରି ମନ୍ତବ୍ୟ ଦିଆଯାଇଛି । ସୁତରାଂ ଏହି ଅପରାଧିମାନଙ୍କୁ ତୁରନ୍ତ ଗିରଫ କରିବା ସହ ଏମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବୀ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସୁବ୍ରତ ମହାପାତ୍ର, ରଜନୀ ମହାନ୍ତି, ରଶ୍ମି ମହାପାତ୍ର, ଅଶୋକ ଦାସ, ପ୍ରଭାବତି ପଟ୍ଟନାୟକ, ଗୀତାଳୀ ମହାନ୍ତି, ସୁଭଦ୍ରା ମିଶ୍ର, କୁସୁମ ପ୍ରଧାନ, ଆଶିଷ ମଲ୍ଲିକ, ପମି ମିଶ୍ର, ମାମିନା ବେହେରା, ଶ୍ରୀୟା ପଣ୍ଡା, ରୁପଦିପ୍ତା ମହାପାତ୍ର, ସୌମେନ୍ଦ୍ର ମହାନ୍ତି, ପ୍ରଭାତ ପ୍ରତାପ ସିଂ, ଦେବରାଜ ମିଶ୍ର, ପ୍ରସନ୍ନ ନାୟକ, ଶ୍ରୀଧରବଳିଆର ସିଂ, ସେକ୍ ତାକୱିନ୍, ସୁମନ୍ତ ସ୍ୱାଇଁ ଓ ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ୯ ବର୍ଷର ନୀତିହୀନ ମୋଦୀ ସରକାର : ଶରତ ପଟ୍ଟନାୟକ

ଭୁବନେଶ୍ୱର,(ପି.ଏନ) : ଆଜି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ଯେ, ୯ବର୍ଷର ମୋଦୀ ଶାସନର ଗୁଣଗାନ ଚାଲିଛି । ମାତ୍ର ଏହି ୯ ବର୍ଷରେ ଦେଶର ସାଧାରଣ ଜନତା ତଳିତଳାନ୍ତ ହୋଇପଡ଼ିଛନ୍ତି । ନ୍ତମୋଦୀ ମାର୍କା ବିକାଶନ୍ତଟି କ'ଣ ତାହା ଭାରତର ଜନସାଧାରଣ ଆଜି ଅନୁଭବ କଲେଣି । ମହଙ୍ଗା ମାଡ଼ରେ ଦେଶର ଜନତା ଆଜି ହନ୍ତସନ୍ତ । ଖାଇବା ତେଲ, ଅଟା ଓ ଡାଲି ପ୍ରଭୃତି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ଆଜି ଆକାଶ ଛୁଆଁ । କଂଗ୍ରେସ ଅମଳରେ ମିଳୁଥିବା ୪୧୦ ଟଙ୍କାର ଗ୍ୟାସ ଟାଙ୍କି ଆଜି ୧୧୩୦ ଟଙ୍କା ଟପିଛି । ୨୦୧୪ ମସିହା ପୂର୍ବରୁ ଡିଜେଲ ଲିଟର ପିଛା ୫୫ ଟଙ୍କା ଏବଂ ପେଟ୍ରୋଲ ଲିଟର ପିଛା ୬୫ ଟଙ୍କାରୁ ୭୦ ଟଙ୍କାରେ ମିଳୁଥିବାବେଳେ, ମୋଦୀ ସରକାରରେ ତାହା ୧୦୦ ଟଙ୍କା ପାର ହୋଇଛି । ନରେନ୍ଦ୍ର ମୋଦୀଙ୍କୁ ଦରଦାମ ବୃଦ୍ଧିର ପ୍ରତୀକ ବୋଲି ଅତ୍ୟୁକ୍ତି ହେବ ନାହିଁ । ଦେଶର ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରତାରିତ କରିଛନ୍ତି । ଚାଷୀଙ୍କର ଆୟ ଦ୍ୱିଗୁଣିତ କରିବେ ବୋଲି ୨୦୨୨ ସୁଧା ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ପ୍ରକୃତରେ ଚାଷୀର ଆୟ ୨୦୧୪ ଠାରୁ ବହୁ ପରିମାଣରେ କମିଯାଇଛି । ଏକଥା ଖୋଦ୍ ସରକାରଙ୍କ ଦସ୍ତାବିଜ୍‌ର ତଥ୍ୟ । ୩ ଟି କଳା କୃଷି ଆଇନ୍ ପ୍ରଣୟନ କରିଥିଲେ । ଯେଉଁଥିରେ ଚାଷୀଙ୍କର ସର୍ବସ୍ୱାନ୍ତ ହୋଇଥାନ୍ତା । ଚାଷୀଙ୍କର କ୍ଷେତର ମାଲିକ ଆଜି ମୋଦୀଙ୍କର ବନ୍ଧୁ ଶିଳ୍ପପତିମାନେ ହୋଇଥାନ୍ତେ । ଏହି ଆଇନକୁ ଦେଶର କୃଷକ ସମାଜ ବିରୋଧ କଲେ । ଯେଉଁଥିରେ ୭୦୦ କୃଷକଙ୍କର ଜୀବନ ଗଲା । କୃଷକଙ୍କୁ ଖଲିସ୍ଥାନୀ, ଦେଶଦ୍ରୋହୀ ଓ ଆନ୍ଦୋଳନଜିବୀ ପ୍ରଭୃତି ଅନେକ ଅପବାଦ ଦିଆଗଲା । ଏପରିକି କେନ୍ଦ୍ର ଗୃହମନ୍ତ୍ରୀଙ୍କ ପୁଅ ମଧ୍ୟ ଆନ୍ଦୋଳନରତ ୮ ଜଣ ଚାଷୀଙ୍କୁ ଗାଡ଼ି ଚଢ଼େଇ ମାରିଦେଲେ । ଏ ହେଉଛି ମୋଦୀ ସରକାରଙ୍କର ଚାଷୀ ବିରୋଧି ମନୋଭାବ । ସଂସଦରେ ମୋଦୀ ସରକାରଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟ ଅନୁଯାୟୀ କେନ୍ଦ୍ର ସରକାରଙ୍କର ବିଭିନ୍ନ ବିଭାଗରେ ୧୦ ଲକ୍ଷ ପଦବୀ ଖାଲି ପଡ଼ିଛି । କେବଳ ରେଳବାଇରେ ୨ ଲକ୍ଷ ୯୦ ହଜାର ପଦବୀ ଖାଲି ପଡ଼ିଛି । ୨୦୧୪ ମସିହା ପୂର୍ବରୁ ବିଭିନ୍ନ ନିର୍ବାଚନୀ ସଭାରେ ବିଜେପି ଦଳ ଓ ନରେନ୍ଦ୍ର ମୋଦୀ ଭାରତର ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଲେ ଯେ, ବର୍ଷକୁ ୨ କୋଟି ନିଯୁକ୍ତିର ବ୍ୟବସ୍ଥା କରିବେ । ଏହି ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହେଲା । ଏହି ପ୍ରସଙ୍ଗରେ ମୋଦୀଙ୍କର ନ୍ତପକୋଡ଼ା ନିଯୁକ୍ତିନ୍ତ ଉପାଖ୍ୟାନ ଏ ଦେଶର ବେକାର ଯୁବତୀ ଓ ଯୁବକମାନଙ୍କ ପ୍ରତି ଏକ ଉପହାସ । ଏପରିକି କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଡାକ୍ତରଖାନା ଗୁଡ଼ିକରେ ୪୦ ପ୍ରତିଶତ ପଦବୀ ଖାଲି ପଡ଼ିଥିବାବେଳେ ଏଠାରେ ଚିକିତ୍ସା ବ୍ୟବସ୍ଥା କିପରି ଥିବ ତାହା ସ୍ପଷ୍ଟ ବୁଝାପଡ଼ିଯାଉଛି । ମୋଦୀଙ୍କ ରାଜତ୍ୱରେ ବିଶ୍ୱ କ୍ଷୁଧା ସୂଚକାଙ୍କ-୨୦୨୨ ତଥ୍ୟ ଅନୁଯାୟୀ ୧୨୧ ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୦୭ । ଭାରତ ଉପରେ ପାକିସ୍ଥାନ-୯୯, ବାଙ୍ଗଲାଦେଶ-୮୪ ଏବଂ ନେପାଳ-୮୧ ଏବଂ ଶ୍ରୀଲଙ୍କା-୬୪ ସ୍ଥାନରେ ରହିଛି । ଅର୍ଥାତ ନରେନ୍ଦ୍ର ମୋଦୀଙ୍କ ଶାସନରେ ଭାରତ ଏକ ଭୋକିଲା ଦେଶ ଅପବାଦ ମୁଣ୍ଡାଇଛି । ବିମୁଦ୍ରୀକରଣ ଏବଂ ଜିଏସ୍.ଟି ଦ୍ୱାରା ୪ କୋଟିରୁ ଅଧିକ ଲୋକ ନିଜର ଜୀବିକା ହରାଇଲେ ଏବଂ ସେମାନେ ଅଧିକ ଗରୀବ ହୋଇଗଲେ । ୬୨ ଲକ୍ଷରୁ ଅଧିକ ଅଣୁ, କ୍ଷୁଦ୍ର ଓ ମଧ୍ୟମବର୍ଗ ଶିଳ୍ପ ସଂସ୍ଥା ସବୁ ବନ୍ଦ ହୋଇଗଲା । ଅଣସଂଗଠିତ କ୍ଷେତ୍ର ସଂପୂର୍ଣ୍ଣରୂପେ ଧ୍ୱସ୍ତ ବିଧ୍ୱସ୍ତ ହୋଇଗଲା । ଅଣସଂଗଠିତ କ୍ଷେତ୍ର ଭାରତ ବର୍ଷର ଅର୍ଥନୀତିକୁ ଅଧିକ କ୍ରିୟାଶିଳ ଓ ଶକ୍ତିଶାଳୀ କରିଥାଏ । କଂଗ୍ରେସ ସରକାର ଦେଶରେ ଯେଉଁ ସଂପତି ସୃଷ୍ଟି କରିଥିଲା ଏହି ୯ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସେଗୁଡ଼ିକୁ ତାଙ୍କର ବନ୍ଧୁ ଶିଳ୍ପପତିଙ୍କ ହାତରେ ଟେକି ଦେଇଛନ୍ତି । ରେଳବାଇ, ସ୍ଥଳ ଓ ଜଳ ବନ୍ଦର, ମୂଲ୍ୟାବାନ ଖଣି, ଜୀବନ ବୀମା ଓ ବ୍ୟାଙ୍କ ପ୍ରଭୃତି ଆଜି ମୋଦୀଙ୍କର ଅନ୍ତରଙ୍ଗ ପୁଁପତିମାନଙ୍କ ହାତରେ । 'ମୋଦୀ-ଅଦାନୀ' ମଧୁ ଚନ୍ଦ୍ରିକାରେ ଏଲ.ଆଇ.ସି., ଷ୍ଟେଟବ୍ୟାଙ୍କ ଓ ଅନ୍ୟାନ୍ୟ ଅର୍ଥଲଗାଣକାରୀ ସଂସ୍ଥାର ଅବସ୍ଥା ଆଜି ଶୋଚନୀୟ । ଜମାକାରୀମାନେ ଭୀତସ୍ତ୍ରସ୍ତ । ମୋଦୀ ଏମାନଙ୍କୁ ପ୍ରଭାବିତ କରି ଆଦାନୀକୁ ପରିପୃଷ୍ଟ କରିବାକୁ ଅର୍ଥ ଦେବାକୁ ପ୍ରବର୍ତ୍ତାଇଲେ । କରୋନା ମହାମାରି ମୁକାବିଲାରେ ମୋଦୀ ସରକାର ସଂପୂର୍ଣ୍ଣ ବିଫଳ । ଦେଶରେ ଭୟାନକ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଘଂଟ, ଘଂଟା, ଧୂପ, ଦୀପ ଲଗାଇ କରୋନାରୁ ମୁକ୍ତି ପାଇଁ ମୋଦୀକୃତ ପ୍ରହସନ ଚାଲିଲା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ଭାରତ ବର୍ଷର ୪୭ ଲକ୍ଷ ଲୋକ କରୋନା ମହାମାରୀର ପ୍ରାଣ ହରାଇଛନ୍ତି । କିନ୍ତୁ ଅତ୍ୟନ୍ତ ଦୁଃଖ ଓ କଷ୍ଟର କଥା ସରକାର ସଂସଦରେ କୌଣସି ଜଣେ ବ୍ୟକ୍ତି ଔଷଧ, ଚିକିତ୍ସା, ବେଡ୍ ଏବଂ ଅକ୍ସିଜେନ ରେ ମରିନାହାନ୍ତି ବୋଲି କହିଲେ । ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକର ଗୌରବମୟ ଇତିହାସକୁ ସଂପୂର୍ଣ୍ଣଭାବେ ଭୂଲୁଣ୍ଠିତ କରିଦିଆଗଲା । ଏପରିକି ଦେଶର ୯୭ ପ୍ରତିଶତ ଇଡ଼ି., ସିବିଆଇ, ଓ ଆଇଡ଼ି କେସ୍ ଗୁଡ଼ିକ ବିରୋଧି ଦଳର ନେତୃମାନଙ୍କୁ ଦମନ କରିବା ପାଇଁ କରାଯାଇଛି । ଯେଉଁ ବିରୋଧି ଦଳର ନେତୃବର୍ଗମାନେ ଏହି ଦମନ ପ୍ରକ୍ରିୟାରେ ଅଂଟା ସଳଖୀ ଛିଡ଼ା ହୋଇପାରିଲେ ନାହିଁ । ସେମାନେ ବିଜେପି ଦଳର ମିଶିଲା ପରେ ତାଙ୍କ ଓ୍ୱାସିଙ୍ଗ ମେସିନ୍‌ରେ ସଫା ସୁତରା ହୋଇଗଲେ କିପରି ? ଗୋଆ, ମହାରାଷ୍ଟ୍ର, କର୍ଣ୍ଣାଟକ, ମଧ୍ୟପ୍ରଦେଶ ଏବଂ ମଣିପୁର ପ୍ରଭୃତି ନିର୍ବାଚିତ ରାଜ୍ୟ ସରକାରଙ୍କୁ ସମ୍ବିଧାନିକ ବିଧିବ୍ୟବସ୍ଥାର ସଂପୂର୍ଣ୍ଣ ଉଲଂଘନ କରି ଅର୍ଥବଳ ଓ ବାହୁବଳ ଦ୍ୱାରା ଏ ସରକାରକୁ ଭାଙ୍ଗି ଦିଆଗଲା ଏବଂ ନିଜ ସରକାରକୁ ଜେନତେନ ପ୍ରକାରରେ ଲଦି ଦିଆଗଲା । ଏହା ହେଉଛି ନରେନ୍ଦ୍ର ମୋଦୀ ଓ ବିଜେପି ଦଳ ଗଣତନ୍ତ୍ରଙ୍କୁ ଭଲପାଇବାର ଏକ ନମୁନା ।ଦେଶର ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି । ଜାତୀୟ ଶିକ୍ଷା ନୀତି-୨୦୨୦ ଆର.ଏସ୍.ଏସ୍.ର ବିଚାର ଧାରାରେ ପ୍ରସ୍ତୁତ ହୋଇଛି । ଶିକ୍ଷା ବ୍ୟବସ୍ଥାରେ ଧର୍ମୀୟ ଭାବନା ଭର୍ତି କରିଦିଆଯାଇଛି । ଶିକ୍ଷାର ଘରୋଇକରଣକୁ ପ୍ରୋତ୍ସାହନ ଦିଆଯାଉଛି । ଏବେ ଭାରତ ବର୍ଷର ପ୍ରଥମ ଶିକ୍ଷା ମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ମୌଲାନା ଆବୁଲକାଲାମ ଆଜାଦ୍, ସାରେ ଜାହାଂସେ ରଚୟତା ମହମ୍ମଦ ଇକ୍‌ୱାଲଙ୍କ ବିଷୟ ଆଉ ରାଜନୀତି ବିଜ୍ଞାନ ଓ ଇତିହାସ ବହିରେ ପଢ଼ାଯିବ ନାହିଁ । ଏବେ ଗାନ୍ଧୀ, ନେହେରୁଙ୍କୁ ଛୋଟ କରିବା ପାଇଁ ବିଜେପି ଦଳର ଆଇଟିସେଲ୍ ଠାରୁ ଆରମ୍ଭ କରି ନେତା, ମନ୍ତ୍ରୀ ଖୋଦ୍ ପ୍ରାଧନମନ୍ତ୍ରୀ ମଧ୍ୟ ଲାଗିପଡ଼ିଛନ୍ତି । ବେଟି ପଢ଼ାଓ, ବେଟି ବଚାଅ ନାରା ସଂପୂର୍ଣ୍ଣ ଏକ ପ୍ରହସନରେ ପରିଣତ ହୋଇଛି । ଭାରତ ବର୍ଷର ମହିଳାମାନେ ଅତ୍ୟନ୍ତ ଭୟ, ଦୁଃଖ ଓ ଅସହ୍ୟ ଯନ୍ତ୍ରଣା ଦେଇ ଗତି କରୁଅଛି । ଅଧିକାଂଶ ବିଜେପି ଦଳର ମନ୍ତ୍ରୀ, ବିଧାୟକ ଓ ସାଂସଦ ସମସ୍ତେ ମହିଳା ନିର୍ଯ୍ୟାତନା ଓ ଦୁଷ୍କର୍ମରେ ସଂପୃକ୍ତ । କ୍ଷମତାକୁ ଆସିବା ପାଇଁ ଜାତି, ଧର୍ମ,ବର୍ଣ୍ଣ ଓ ଭାଷାର ବିଭେଦତା ସୃଷ୍ଟି କରି ଦେଶରେ ହିଂସା ଓ ଘୃଣାର ବିଷ ମି ବୁଣୁଛନ୍ତି । ଏ ହେଉଛି ୯ ବର୍ଷର ନୀତିହୀନ ମୋଦୀ ସରକାର ।

## କ୍ରିଷ୍ଣା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ସାଇନ୍ସ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର, (ପି.ଏନ): ସ୍ଥାନୀୟ ରୋଟାରୀ ଭବନଠାରେ କ୍ରିଷ୍ଣା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ସାଇନ୍ସ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ହୋଇଯାଇଅଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମାନ୍ୟବର ଜୟଦେବ ବିଧାୟକ ଅରବିନ୍ଦ ଢାଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ କଲେଜର ଉତ୍ତୋରତ୍ତର ଉନ୍ନତି କାମନା କରିବା ସହ ଅଧ୍ୟୟନରତ ଯୁକ୍ତ୨ ଓ ଯୁକ୍ତ୩ ଛାତ୍ରଛାତ୍ରୀମାନଙ୍କୁ ଉଜ୍ଜଳ ଭବିଷ୍ୟତ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଜଣେ ଜଣେ ଭଲ ମଣିଷ ହୋଇ ଦେଶ ଗଠନ ପାଇଁ ବାହାରିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରର ପୂର୍ବତନ ସାଂସଦ ତଥା ରାଜ୍ୟ ଯୋଜନାବୋର୍ଡର ସଦସ୍ୟ ପ୍ରସନ୍ନ କୁମାର ପାଟଶାଣୀ, ସମ୍ମାନିତ ଅତିଥି ଭାବେ ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ କଂଗ୍ରେସର ମେୟର ପ୍ରାର୍ଥିନୀ ମଧୁସ୍ମିତା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଉନ୍ନତି କାମନା କରିବା ସହିତ ସିନିୟର ଓ ଜୁନିୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରଖି ପାଠ ପଢିଲେ ଆଗକୁ ଯାଇହେବ ବୋଲି କହିଥିଲେ । ସେମାନେ ନିଜ ନିଜ ବକ୍ତବ୍ୟରେ ଆଧୁନିକ ଜ୍ଞାନ କୌଶଳ ବ୍ୟବହାର କରି ପ୍ରତିଯୋଗିତାମୂଳକ ମନୋଭାବ ରଖି ଉଚିତ୍ ମାର୍ଗରେ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାରେ ସହଯୋଗ କରିବାକୁ ଏବଂ ଗୁରୁ ପଦବାଚ୍ୟର ନାମକୁ ସାର୍ଥକ କରିବାକୁ କଲେଜର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ କଲେଜର ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମିଶ୍ର ଅତିଥିମାନଙ୍କୁ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରିବାକୁ ମ କୁ ପାଛୋଟି ନେଇଥିଲେ ଓ ପରେ ପରେ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରିଜିଓନାଲ୍ ଡାଇରେକ୍ଟର ବଜେନ୍ଦ୍ର ପ୍ରସାଦ ଦାସ, ନବ ନିର୍ମାଣ ଯୁବ ଛାତ୍ର ସଂଗଠନର ଏମ୍.ଡି. ମନୱାର ଅଲ୍ଲୀ ଓ ଆଇ.ଏସ୍.ଡି. ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ । ଶେଷରେ ନିକିତା ତୟାଲ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray